# ମହିଳା ଟାଣିଲେ ସର୍ପବାରେଣି ରେଖା

ଖଣ୍ଡପଡ଼ା,୧୫।୬(ଅଜୟ କୁମାର ମହାରଣା)

ଗୁରୁବାର ରଜ ସଂକ୍ରାନ୍ତି ଅବସରରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଖଣ୍ଡପଡା, କଣ୍ଟିଲୋ ଓ ଏହାର ଆଖପାଖ ପଥରଚକଡା, ବାଣପୁର, ଧାନଚେଙ୍ଗଡା, ସିଧାମୂଳା, ବେଣାଗାଡିଆ ଆଦି ବିଭିନ୍ନ ଗ୍ରାମର ମହିଳାମାନେ ସେମାନଙ୍କ ଗୃହର ଚତୁଃପାର୍ଶ୍ୱରେ ଗୋବର ଓ ଖଡିରେ ଲେପ ମାରିଛନ୍ତି।। ଏହାକୁ ସର୍ପବାରେଣି ରେଖା ବୋଲି କୁହାଯାଏ । ବୈଶାଖ ଓ ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବିଭିନ୍ନ ପ୍ରଜାତିର ସରୀସୃପ ଭୂମି ତଳେ ଗାତ ମଧ୍ୟରେ ରହିଥାନ୍ତି । ପ୍ରାକ୍ ମୌସୁମୀ ଆସିଲେ ବର୍ଷା ହୁଏ । ଧରଣୀ ଶୀତଳତା ଅନୁଭବ କରେ । ଏପରି କି ସରୀସୃପ ରହୁଥିବା ଗାତରେ ବର୍ଷା


ଜଣେ ମହିଳା ଘର ବାହାରେ ଗୋବର ପ୍ରଲେପ ଅର୍ଥାତ୍ ସର୍ପବାରେଣି ରେଖା ଟାଣୁଛନ୍ତି ।

ପାଣି ପଶିଯାଏ । ଫଳରେ ଗାତରେ ରହୁଥିବା ସରୀସୃପମାନେ ବାହାରକୁ ଚାଲିଆସିବା ସହ ଆଶ୍ରୟ ଆଶାରେ ଘର ମଧ୍ୟକୁ ପ୍ରବେଶ କରିଥାନ୍ତି । ସେଥିପାଇଁ ମହିଳାମାନେ ଘର ଚାରିପାଖ କାନ୍ଥରେ ସର୍ପବାରେଣି ରେଖା ଟାଣିବାର ପରମ୍ପରା ରହିଛି । ସୂଚନାଯୋଗ୍ୟ, ଗୋବରରେ ନାଇଟ୍ରିକ ଏସିଡ ଅଧିକ ଥିବାରୁ ସାପ ଗନ୍ଧ ବାରି ଆସି ନ ଥାଏ । ଫଳରେ ସରୀସୃପମାନେ ଗୋବର ଗନ୍ଧଠାରୁ ଦୂରରେ ରହିଥାନ୍ତି। ଏହି କାରଣ ଯୋଗୁ ରଜ ସଂକ୍ରାନ୍ତି ଦିନ ସୂର୍ଯ୍ୟୋଦୟ ପୂର୍ବରୁ ମହିଳାମାନେ ଗାଈ ଗୋବର କିମ୍ବା କେହି କେହି ଖଡିଲେପ ଘରର ଚାରି ପାର୍ଶ୍ୱରେ ଦେଇଥାଆନ୍ତି। ଏହି ରେଖା ଦେବା ପରେ ବର୍ଷସାରା ସାପମାନେ ଘରକୁ ପଶି ନ ଥାନ୍ତି ବୋଲି ଜଣେ ମହିଳା କହିଛନ୍ତି।

# ବଲାଙ୍ଗୀ ପାର୍କରେ ବଢୁଛି ଭିଡ

- ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ୨ଦିନରେ ୬ ଦୁର୍ଘଟଣା

ନୟାଗଡ଼୧୫।୬(ଲୋକନାଥ ମିଶ୍ର):

ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ବଲାଙ୍ଗୀ ପାର୍କକୁ ରଜ ୪ ଦିନ ପାଇଁ ଖୋଲିବା ପରେ ଏଠାରେ ଭିଡ ଜମିଛି । ଏହାର ପ୍ରଭାବରେ ପାର୍କ ସମ୍ମୁଖ ନୟାଗଡ ଖଣ୍ଡପଡା ରାସ୍ତାରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଟ୍ରାଫିକ ସେବା ସନ୍ଧ୍ୟାରେ ବିପର୍ଯ୍ୟସ୍ତ ହୋଇ ପଡୁଛି । ୨ଦିନରେ ୬ଟି ଛୋଟ ଦୁର୍ଘଟଣା ଘଟି ସାରିଲାଣି । ଏହାକୁ ଗୁରୁତ୍ୱ ନ ଦେଲେ ଦୁର୍ଘଟଣାକୁ ଏଡାଇ ହେବନି ବୋଲି ମତ ପ୍ରକାଶ ପାଇଛି ।
ବଲାଙ୍ଗୀ ପାର୍କକୁ ଦେଖିବାକୁ ଆସୁଥିବା ଲୋକମାନେ ନିଜର ବାଇକ୍ ଅଥବା ଯାନବାହାନ ପାର୍କ ସମ୍ମୁଖରେ ଅଥବା ନୟାଗଡ଼ କଣ୍ଡପଡା ରାସ୍ତା ପାର୍ଶ୍ୱରେ ରଖୁଛନ୍ତି । ଏହାକୁ କାଢ଼ିବା ସମୟରେ ରାସ୍ତା ଜାମ ହେଉଛି । ଅନ୍ୟପକ୍ଷେ ପାର୍କ ପାଖରେ ପାର୍କିଂ ପାଇଁ ଯେଉଁ ବ୍ୟବସ୍ଥା ହୋଇଛି ତାକୁ ଦେଖା ଶୁଣା କରିବାକୁ କେହି ନାହାନ୍ତି । ଏଣୁ ଦୁର୍ଘଟଣା ବଢ଼ି ଛାଲିଛି । ବଲାଙ୍ଗୀ ପାର୍କ ପାହାଡ଼ ପାଦ ଦେଶରେ ହୋଇଥିବାବେଳେ ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗୁ ଚିତ୍ତ ବିନୋଦନର ବ୍ୟବସ୍ଥା ରହିଛି । ତେବେ ଖାଦ୍ୟ ଷ୍ଟଲ ଓ ପାଣିର ସୁବିଧା ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି । ପୁଣି ପାର୍କିଂ ବ୍ୟବସ୍ଥା ଠିକରେ ହୋଇନି ବୋଲି ଅଭିଯୋଗ ଉଠିଛି । ତେବେ ପାର୍କରେ ସେଲଫି ନେବା ପାଇଁ ଓ ପାର୍କର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଭିଡ ଜମୁଛି । ଅନ୍ୟପକ୍ଷେ ପାର୍କ ଅପରାହ୍ନ ୪ଟାରୁ ରାତି ୮ ଟା ପର୍ଯ୍ୟନ୍ତ ଖୋଲିବାକୁ କୁହାଯାଇଛି ।

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ରାହୁଲଙ୍କ ସଫଳତା



ପୋଲସରା, ୧୫।୬ (ଶିବପ୍ରସାଦ ସାହୁ ): ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍ଇଇଟି)ରେ ଗଞ୍ଜାମ ଜିଲା ପୋଲସରା ବ୍ଲକ ମଥୁରା ଗ୍ରାମର ପଞ୍ଚାନନ ସାହୁ ଓ ସାବିତ୍ରୀ ସାହୁଙ୍କ ଏକମାତ୍ର ପୁଅ ରାହୁଲ ସାହୁଙ୍କୁ ମିଳିଛି ସଫଳତା। ରାହୁଲ ବାପା ଜଣେ ଚାଷୀ ହୋଇଥିବା ବେଳେ ମାଆ ଗୃହିଣୀ ଅଟନ୍ତି। ରାହୁଲ ନିଜ ଗ୍ରାମର କାହ୍ନୁଚରଣ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ୯୩ ପ୍ରତିଶତ ରଖି ପାସ କରିବା ପରେ ଗୋବିନ୍ଦପୁରାସ୍ଥିତ ଜ୍ଞାନବିକାଶ ଘରୋଇ କଲେଜରୁ ଯୁକ୍ତ ୨ରେ ୯୧ ପ୍ରତିଶତ ରଖି ପାସ ହୋଇଥିଲେ। ପରେ ନିଟ ପରୀକ୍ଷା ଲାଗି ପ୍ରସ୍ତୁତି ଚଳାଇଥିଲେ। ତୃତୀୟ ଚେଷ୍ଟାରେ ଏହି ସଫଳତା ହାସଲ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେ ନିଟ ପରୀକ୍ଷା ୭୨୦ମାର୍କରୁ ୬୭୦ରଖି କୃତକାର୍ଯ୍ୟ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ୨୯୪୬ ର୍ୟାଙ୍କ ହାସଲ କରିଛନ୍ତି।

### ମା' ସିଂହାସନୀଙ୍କ ଶକ୍ତି ପୀଠରେ ରଜପର୍ବ

ପୋଲସରା, ୧୫।୬ (ଶିବ ପ୍ରସାଦ ସାହୁ ): ଗଞ୍ଜାମ ଜିଲା ପୋଲସରା ବ୍ଲକ କସିପଡାସ୍ଥିତ ମା' ସିଂହାସନୀଙ୍କ ଶକ୍ତିପୀଠରେ ୩ ଦିନିଆ ପ୍ରସିଦ୍ଧ ରଜପର୍ବ ଆରମ୍ଭ ହୋଇଯାଇଛି। ଏହି ପର୍ବରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଜ ପର୍ବରେ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ଏହି ରଜ ପର୍ବ ଲାଗି ମନ୍ଦିର ପରିଚାଳନା କମିଟିର ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉପସ୍ଥିତ ରହି ଶ୍ରଦ୍ଧାଳୁମାନେ ଯେଉଁଭଳି ଭାବରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହେବେ ସେଥିଲାଗି ଦୃଷ୍ଟି ଦେବାପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଯାତ୍ରା ଉଦଯାପିତ ହେବ। ଏହି କାର୍ଯ୍ୟକ୍ରମରେ ପୋଲସରା ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାର ଶୋଭନ ବେହେରା, ବିଡିଓ ଧର୍ମରାଜ ପରିଡା, ଆଡିସନାଲ ଏସପି ଅଜୟ କୁମାର ମିଶ୍ର, ପୁରୁଷୋତ୍ତମପୁର ଉପଖଣ୍ଡ ଅଧିକାରୀ ରଜନୀକାନ୍ତ ସାମଲ, ପାଣ୍ଡିରୀପଡା ସରପଞ୍ଚ ରଘୁନାଥ ଭୂୟାଁଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ,ସ୍ୱେଚ୍ଛାସେବୀ ସହ ଜନପ୍ରତିନିଧିମାନେ ସହଯୋଗ କରିଥିଲେ।

# ଚାଉଳ ବେପାରୀଙ୍କୁ ଆକ୍ରମଣ ଉଦ୍ୟମ, ୧୪ ଗିରଫ


ଗିରଫ ହୋଇଥିବା ଗ୍ରାମବାସୀ ।

ଖଣ୍ଡପଡା,୧୫।୬(ଅଜୟ କୁମାର ମହାରଣା)

ନୟାଗଡ଼ ସଦର ଥାନା ଅଧୀନ ରାୟପୁର ଗ୍ରାମର ଚାଉଳ ବେପାରୀ ବିଭୂତି ଭୂଷଣ ନାଏକଙ୍କ ପିକ୍ଅପ୍ ଭ୍ୟାନ୍କୁ ରାସ୍ତାରେ ଅଟକାଇ ଚାଳକଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଖଣ୍ଡପଡା ପୋଲିସ କୁମ୍ଭାରପଡା ଗ୍ରାମ ତଳ ହରିଜନ ସାହିର ୧୪ ଜଣ ମହିଳା, ପୁରୁଷଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ କୁମ୍ଭାରପଡା ଗ୍ରାମ ତଳ ହରିଜନ ସାହିର କାଳିଆ ପାତ୍ର, ଦିପୁନା ଜେନା, ଜୟକୃଷ୍ଣ ନାଏକ, ବିଶେଶ୍ୱର ନାଏକ, ବଳଭଦ୍ର ନାଏକ, କବିତା ନାଏକ, ଗୁଲୁଲି ପାତ୍ର, ଲତା ଜେନା, ଚଞ୍ଚଳା ଜେନା, ଝୁନା ପାତ୍ର, ଲକ୍ଷ୍ମୀ ପାତ୍ର, କାଞ୍ଚନ ନାଏକ, ନିର୍ମଳା ନାଏକ, ଶୋଭାବତୀ ନାଏକ । ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସୂଚନା ଅନୁଯାୟୀ, ଚାଉଳ ବେପାରୀ ନାଏକ ଏକ ପିକ୍ଅପ୍ ଭ୍ୟାନ୍ ଯୋଗେ ଚାଉଳ ବୋଝେଇ କରି ଖଣ୍ଡପଡା ବ୍ଲକ ଅଧୀନ କୋସକା ଗ୍ରାମର ଚାଉଳ ବେପାରୀ ମାଗୁଣି ସାହୁଙ୍କ ଘରକୁ ଯାଉଥିଲା । କୁମ୍ଭାରପଡା ଗ୍ରାମ ତଳ ହରିଜନ ସାହି ନିକଟରେ ୧୫ରୁ ୨୦ଜଣ ମହିଳା ଓ ପୁରୁଷ ଉକ୍ତ ଚାଉଳ ବୋଝେଇ ଗାଡିକୁ ଅଟକାଇ ଗାଡ଼ି ଚାଳକ ଓ ବେପାରୀକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେମାନଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏଥିସହିତ ଗାଡିରେ ଥିବା ୨୨ ବସ୍ତା ଚାଉଳ ନେଇ ଯାଇଥିଲେ। ଏ ସମ୍ପର୍କରେ ବେପାରୀ ଜଣକ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୩୪/୨୩) ରୁଜୁ କରିଛି।

# ମା' ଝାଡ଼େଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଶରଣକୁଳ,୧୫।୬(ଦୀପକ କର):

ରଜ ପର୍ବ ଉପଲକ୍ଷେ ଶରଣକୁଳର ଅଧିଷ୍ଠାତ୍ରୀ ଦେବୀ ମା' ଝାଡ଼େଶ୍ୱରୀଙ୍କ ପୀଠରେ ରଜ ଅବସରରେ ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମା'ଙ୍କ ରଜପର୍ବ ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ କୁସୁମୀ ନଦୀରୁ ଶତାଧିକ ମହିଳା ଏବଂ ପୁରୁଷ କଳସୀରେ ଜଳ ନେଇ ଶରଣକୁଳର ଭିକାରୀପଡ଼ା, ମାଳିସାହି, ରତନ ସାହି, ନରେନ୍ଦ୍ରପୁର, ଚୂଡ଼ାମିଲ ସାହି ପରିକ୍ରମା କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ଯଜ୍ଞର ଅଙ୍କୁରାରୋପଣ କରାଯାଇଥିଲା। ସାହିରେ ମା'ମାନେ ଦୁଆର ଲିପାପୋଛା କରିବା ସହ ପୂର୍ଣ୍ଣକୁମ୍ଭ ଓ ଦୀପ ସ୍ଥାପନ କରି ପରିବେଶକୁ ଆଧ୍ୟାତ୍ମିକତାରେ ଭରି ଦେଇଥିଲେ। ପ୍ରତି ସାହିରେ ନାମ ସଂକୀର୍ତ୍ତନ ଦଳଗୁଡ଼ିକ କଳସଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି କଳସ ଯାତ୍ରାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ସାମାଜିକ କର୍ମୀ ଲିଙ୍ଗନ ସୁବୁଦ୍ଧି, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ବୈକୁଣ୍ଠ ନାଥ ସିଠ ପ୍ରମୁଖ ସାମିଲ ହୋଇଥିଲେ। ଗୁରୁବାର ରଜ ସଂକ୍ରାନ୍ତି ଉପଲକ୍ଷେ ମା' ଝାଡ଼େଶ୍ୱରୀଙ୍କର ଷୋଡ଼ଶ ଉପଚାରରେ ପୂଜା ହୋଇଛି। ବିଭିନ୍ନ ବ୍ରାହ୍ମଣ ଶାସନରୁ ୨୦ରୁ ଅଧିକ ବ୍ରାହ୍ମଣ ବରଣ ହୋଇ ଆସି ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# କ୍ୟାମେରା ଧରୁଛି ହେଲ୍‌ମେଟ

ଭଞ୍ଜନଗର, ୧୫।୬ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାରେ ଅନ୍ୟ ଜିଲା ଅପେକ୍ଷା ଦୁର୍ଘଟଣା ଜନିତ ମୃତ୍ୟୁହାର ଅଧିକ। ସେଥିମଧ୍ୟରେ ଦ୍ରୁତ ଗାଡ଼ିଚାଳନା ଏବଂ ମଦ ପିଇ ଗାଡ଼ି ଚଳାଇବା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏହାକୁ ଆଖି ଆଗରେ ରଖି ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ଏହିଭଳି ଭଞ୍ଜନଗର ପୋଲିସ ପକ୍ଷରୁ ଗୁରୁବାର ଭଞ୍ଜନଗର କଲେଜ ରୋଡ ବାଇପାସ ଛକରେ କ୍ୟାମେରା ମାଧ୍ୟମରେ ହେଲ୍‌ମେଟ ପିନ୍ଧି ନଥିବା ଏବଂ ଦ୍ରୁତ ବାଇକ୍ ଚାଳକଙ୍କୁ ଚିହ୍ନଟ ବ୍ୟବସ୍ଥା କରାଯାଇଥିଲା। ଫଳରେ ନିୟମ ଉଲ୍ଲଘଂନକାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅପରପକ୍ଷେ ପୋଲିସ ଏବଂ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ଉକ୍ତ ଆଇନ ଉପରେ ବିଭିନ୍ନ ସମୟରେ ସଚେତନ କରାଯାଉଛି। ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ କ୍ୟାମେରା ମାଧ୍ୟମରେ ପରିବହନ ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି।



ପୋଲିସ କ୍ୟାମେରା ମାଧ୍ୟମରେ ଚାଳକଙ୍କ ଉପରେ ନଜର ରଖୁଛି ।

# ରାଇକିଆରେ ରଥ ନିର୍ମାଣ କାମ ଆରମ୍ଭ

ରାଇକିଆ,୧୫।୬(ପ୍ରଦିପ ବେହେରା)

କନ୍ଧମାଳ ଜିଲା ରାଇକିଆଠାରେ ରଥଯାତ୍ରା ପାଇଁ ଜଗନ୍ନାଥ ପୂଜା କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଜୋର୍ ସୋର୍‌ରେ ଚାଲିଛି । ବୁଧବାରଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସଭାପତି ସତ୍ୟବାନ ପାତ୍ର ଓ ସମ୍ପାଦକ ବାଇନାଥ ଦାସଙ୍କ ତତ୍ତ୍ୱାବଧାନରେ ବସଷ୍ଟାଣ୍ଡ ନିକଟରେ ରଥ ନିର୍ମାଣ ସହ ଆସନ୍ତା ସୋମବାର ନବ ଯୌବନ ଦର୍ଶନଠାରୁ ଆରମ୍ଭ କରି ଅଧରପଣା କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ବ୍ୟବସ୍ଥିତ ଭାବେ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଏଥିପାଇଁ ପ୍ରସ୍ତୁତି ବୈଠକ ମଧ୍ୟ ପୂର୍ବରୁ ଶେଷ ହୋଇଛି। ରାଇକିଆଠାରେ ନୂତନ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ୨୦୨୪ ଫେବୃଆରୀରେ କରାଯିବା ପାଇଁ ସ୍ଥିର କରାଯାଇଥିବାରୁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।


ରଥ ନିର୍ମାଣ ଚାଲିଛି ।

# ରାସ୍ତାରେ ବିପଦ ସାଜିଛି ବାଉଁଶବୁଦା

ଗଞ୍ଜାମ,୧୫।୬(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମଠାରୁ ଜୟଶ୍ରୀ ଛକ ଯିବା ରାସ୍ତାରେ ଏକ ବାଉଁଶବୁଦା ବିପଦସଙ୍କୁଳ ଭାବେ ରହିଛି। ଗତ କିଛିଦିନ ତଳେ କାଳବୈଶାଖୀରେ ବୁଦାଟି ଉପୁଡ଼ିଛି। ସାମାନ୍ୟ ପବନ ହେଲେ ତାହା କେଉଁ ମୁହୂର୍ତ୍ତରେ ପଡିଯିବାର ସମ୍ଭାବନା ରହିଛି। ଏଥିସହ ଉକ୍ତ ରାସ୍ତାରେ ଅନାବନା ଗଛ ଗୁଡିକ ମଧ୍ୟ ରାସ୍ତାକୁ ମାଡି ଗଲାଣି। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ସ୍କୁଲ ପିଲାଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ଓ ବେପାରୀ ସମସ୍ତେ ଯିବା ଆସିବା କରୁଛନ୍ତି। ଏଣୁ କିଛି ଅଘଟଣ ପୂର୍ବରୁ ଉକ୍ତ ବାଉଁଶ ଗଛ ସେଠାରୁ ହଟାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ସରକାର ନିଜ ନିୟନ୍ତ୍ରଣକୁ ନେବାକୁ ଦାବି

କାଶୀନଗର, (ଟି. କ୍ରିଷ୍ଣା ରାଓ)୧୫।୬:

ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିରେ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଥିବା ବେଳେ କାଶୀନଗର ବ୍ଲକ ଓ ଏନଏସିରେ ପ୍ରତି ଦିନ ଅଘୋଷିତ ବିଦ୍ୟୁତ୍ କାଟ ଲାଗି ରହିଛି । ସନ୍ଧ୍ୟାରେ ସାମାନ୍ୟ ବର୍ଷା ପବନ ହେଲେ ରାତିସାରା ଲୋକଙ୍କୁ ରହିବାକୁ ଅନ୍ଧାରରେ ପଡୁଛି । ଦିନ ବେଳେ ମଧ୍ୟ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଅନ୍ଧାରର ସୁଯୋଗ ନେଇ ଚୋରି ତସ୍କର ବି ବଢିଚାଲିଛି। ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ଟାଟା ପାୱାରକୁ ଦିଆଯିବା ପରେ ପରିସ୍ଥିତି ଅଧିକ ଖରାପ ହୋଇଛି। ସେସୁ ହାତରେ ଏହି ବ୍ୟବସ୍ଥା ଥିବା ବେଳେ ଏତେ ପରିମାଣରେ ବିଦ୍ୟୁତ କାଟ ହେଉନଥିଲା। ତେଣୁ ସରକାର ଶୀଘ୍ର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ନିଜ ହାତକୁ ନେଇ ଉପଭୋକ୍ତାଙ୍କ ସକାଶେ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ଛାଡ଼ କରିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ୫-ଟି ସଚିବଙ୍କ ଗସ୍ତକୁ ପ୍ରଶାସନର ତତ୍ପରତା

ଖଜୁରୀପଡ଼ା,୧୫।୬(ବିଦୁର ବେହେରା)-

୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ୫-ଟି ସଚିବ ପଣ୍ଡିଆନ ଫୁଲବାଣୀ ଗସ୍ତରେ ଆସିବେ। ଗୁଦାରି ପଡ଼ିଆରେ ଓହ୍ଲାଇବା ପରେ ଖଜୁରୀପଡ଼ା ବ୍ଲକ ମା' ବରାଳ ଦେବୀଙ୍କ ମନ୍ଦିରରେ ପହଞ୍ଚି ଦର୍ଶନ କଲା ପରେ ପିଲା ସାଲୁଙ୍କି ଡ୍ୟାମ୍ ପରିଦର୍ଶନ କରିବେ। ତାପରେ ଫୁଲବାଣୀ ସ୍ଥିତ କରୋନେଶନ ପଡ଼ିଆରେ ଆୟୋଜନ ସଭାରେ ଯୋଗଦେବେ। ତେଣୁ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ସଜାଗ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବର୍ଷ ବର୍ଷ ଧରି ମରଣଯନ୍ତା ପାଲଟିଥିବା ପିଲା ସାଲୁଙ୍କି ଡ୍ୟାମ୍ ରାସ୍ତା ତରବରିଆ ଭାବେ ରାସ୍ତା ମରାମତି କରାଯିବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

# ଦାରିଙ୍ଗବାଡ଼ିରେ ଜୈବିକ ଆମ୍ବ ବଜାର

ଦାରିଙ୍ଗବାଡି,୧୫।୬(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡିର ଚାରିଛକଠାରେ ଚାରି ଦିନିଆ ସୁଆଦିଆ ଜୈବିକ ଆମ୍ବ ବଜାର ଓ ଦୁଇ ଦିନିଆ କ୍ଷୁଦ୍ର ଦାନା ଶସ୍ୟ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସୋମବାର ଓ ମଙ୍ଗଳବାର କ୍ଷୁଦ୍ର ଦାନା ଶସ୍ୟ ଖାଦ୍ୟମେଳା ଚାରିଛକ ନିକଟ ପଥ ପାର୍ଶ୍ୱ ସେବାକେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଶସ୍ୟର ବହୁଳ ପ୍ରଚାର ସହ ମାଣ୍ଡିଆ, କାଙ୍ଗୁ, କୁଏରୀ, ଜହ୍ନୀ ଆଦି ଶସ୍ୟର ପୁନରୁଦ୍ଧାର ପାଇଁ ଜନ ସଚେତନ କରାଯାଇଛି। ବିଭିନ୍ନ ପୋଷକ ତତ୍ତ୍ୱ ଭରପୂର ରହିଥିବା ଏହିସବୁ ଶସ୍ୟର ପୁନରୁଦ୍ଧାର ପାଇଁ ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ମିଲେଟ ମିଶନ ପକ୍ଷରୁ ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଭାଗିତାରେ ଏହି ଚାଷ ପାଇଁ ଦାରିଙ୍ଗବାଡି ଅଞ୍ଚଳରେ ଚାଷୀଙ୍କୁ ଏହି ଚାଷରେ ସହଯୋଗ କରିଆସୁଛି। ଫଳରେ ଏହାର ବହୁଳ ପ୍ରଚାର ପାଇଁ ଏହିସବୁ ଶସ୍ୟଗୁଡିକରେ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ମାଗଣା ଖାଇବାକୁ ଦେଇ ଏହାର ପ୍ରଚାର କରାଯାଉଛି। ବିଶେଷ କରି ଖିରି, ପକୁଡି, ପିଆଜି, ବରା, କାକରା, ଆରିସା ପିଠା ସହ ଲଡୁ, ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତ କରି ଏହି ଖାଦ୍ୟ ମେଳାରେ ଲୋକଙ୍କୁ ଖାଇବାକୁ ଦିଆଯାଇଥାଏ। ସେହିପରି ସୁଆଦିଆ ଜୈବିକ ଆମ୍ବ ମେଳା ସୋମବାରଠାରୁ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଛି। ଏହି ମେଳାରେ ଅଞ୍ଚଳରେ ଆମ୍ବଚାଷୀଙ୍କ ଠାରୁ ଜୈବିକ ପଦ୍ଧତିରେ ଚାଷ ହୋଇଥିବା ବିଭିନ୍ନ କିସମର ସୁଆଦିଆ ଆମ୍ବ ତଥା ଆମ୍ରପଲି, ଆଖୁରସ, ବାଇଗଣପଲି ଭଳି ସୁଆଦିଆ ଆମ୍ବ ବଜାରରେ ବିକ୍ରି କରାଯାଇଥିଲା। ନାବାର୍ଡ ଓ ଜାଗୃତିର ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଥିବା ବେଳେ ଏହାକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ମିଲେଟ ମିଶନର ସଂଯୋଜକ ମହେନ୍ଦ୍ର ପରିଡ଼ା ଓ ସମସ୍ତ କର୍ମକର୍ତ୍ତା ଏହି ବଜାରକୁ ପରିଚାଳନା କରିଥିଲେ।


ମେଳାରେ ଖାଦ୍ୟ ପରିବେଷଣ କରାଯାଇଛି।

# ବୃନ୍ଦାବନ ପ୍ୟାଲେସ ରାସ୍ତା ଦୁରବସ୍ଥା

ପାରଳାଖେମୁଣ୍ଡି, ୧୫।୬ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଐତିହାସିକ ପର୍ଯ୍ୟଟନସ୍ଥଳୀ ବୃନ୍ଦାବନ ପ୍ୟାଲେସକୁ ଯିବା ପାଇଁ ମହେନ୍ଦ୍ରତନୟା ନଦୀ ପୋଲ ପଟେ ଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୂରାବସ୍ଥା ଥିବା ଦେଖିବାକୁ ମିଳିଛି। ଏହା କେବେ ସୁଧୁରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାକୁ ଯିବା ପାଇଁ ଦୁଇଟି ରାସ୍ତା ରହିଛ। ଗୋଟିଏ ଆଞ୍ଚଳିକ ପରିବହନ ଛକଠାରୁ ଏବଂ ଦ୍ୱିତୀୟଟି ପୁରୁଣାପାଟଣା ରାସ୍ତା ତଥା ମହେନ୍ଦ୍ରତନୟା ନଦୀ ପୋଲଠାରୁ ଅନ୍ୟଗୋଟିଏ ରାସ୍ତା । ମହେନ୍ଦ୍ରତନୟା ବ୍ରିଜ ପଟରୁ ଥିବା ରାସ୍ତା ଏହି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ ରହିଛି । ଏହାସହ ଏହି ରାସ୍ତାରେ ଶ୍ମଶାନଘାଟର ମୁଖ୍ୟ ଗାଧୁଆତୁଠ ମଧ୍ୟ ରହିଛି । ହେଲେ ରାସ୍ତାର ଅବସ୍ଥା ଅତି ଦୟନୀୟ ପରିସ୍ଥିତିରେ ରହିଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଛି । ଏହି ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଭୁଲିଯାଇଛନ୍ତି। ଏହି ରାସ୍ତା ଉପରେ ପୌରପରିସଦର ନିଘା ନାହିଁ କି ପ୍ରଶାସନର ନିଘା ନାହିଁ। ପ୍ରାୟ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ଧରି ଏହାର ମରାମତି କିମ୍ବା ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିରହିଛି । ଏହି ନଦୀ ବ୍ରିଜ ତଥା ପମ୍ପହାଉସଠାରୁ ଶ୍ମଶାନଘାଟର ଗାଧୁଆତୁଠ ପର୍ଯ୍ୟନ୍ତ ବଦାନ୍ୟ ବ୍ୟକ୍ତିମାନେ ନିଜ ଉଦ୍ୟମରେ ମାଟି ଗୋଡି ପକାଇ ସମତୁଲ କରିଥାନ୍ତି। କିନ୍ତୁ ଏହି ରାସ୍ତାରେ ପାଣି ଜମି କର୍ଦ୍ଦମାକ୍ତ ହୋଇପଡିଛି । ଏପରିକି ପାଦରେ ଚାଲିଯିବା ଆସିବା କରିବାକୁ ଲୋକେ ଭୟ କରୁଛନ୍ତି । ପର୍ଯ୍ୟଟନସ୍ଥଳୀ ରାସ୍ତାର ଅବସ୍ଥା ସୁଧୁରିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।


ବୃନ୍ଦାବନ ପ୍ୟାଲେସ ରାସ୍ତା।

**ସାଂସ୍କୃତିକ ମଞ୍ଚର ଜଳ ସେବା**

**ଏରସମା, ୧୫।୬(ଦୀପ୍ତିରଞ୍ଜନ ଖଣ୍ଡୁଆଳ):** ଏରସମା ବ୍ଲକ ମୁଖ୍ୟାଳୟରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପକ୍ଷରୁ ଜନସାଧାରଣଙ୍କୁ ଜଳ ଓ ଦହି ସରବତ ପ୍ରଦାନ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ରଜ ସମୟରେ ଆନନ୍ଦ ମନାଇବାକୁ ବାହାରକୁ ବାହାରିଥିବା ଜଣସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସେବା ଯୋଗାଇ ଦିଆଯାଇଥିଲା । ମଞ୍ଚ ସଭାପତି ଅମୂଲ୍ୟ କୁମାର ବିଶ୍ୱାଳ, ସମ୍ପାଦକ ବଳରାମ ସେଠୀ, ବିଜେଡି ନେତା ସାରଦା ପ୍ରସନ୍ନ ଜେନା, ବ୍ଲକ କଳାକାର ସଂଘ ସଭାପତି ଲୋକନାଥ ମହାନ୍ତି, ଜ୍ୟୋତିରଞ୍ଜନ କୁଅଁର, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସୁରେନ୍ଦ୍ର ସାମଲ, ଚିନ୍ମୟ ଚିରସୁନ୍ଦର, ବିଶ୍ୱଜିତ ମୁଦୁଲି, କାର୍ତ୍ତିକ ସାହୁ, ନିର୍ମଳ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### 'ବିଦ୍ୟୁତ୍ କାଟକୁ ବରଦାସ୍ତ କରାଯିବ ନାହିଁ'

**କୁଜଙ୍ଗ, ୧୫।୬(ମନୋଜ ପ୍ରଧାନ):** ଅସହ୍ୟ ଗୁଳୁଗୁଳି ଓ ରୌଦ୍ରତାପ ଯୋଗୁ ଜନଜୀବନ ଆଉଟୁପାଉଟୁ ହେଉଥିବାବେଳେ କୁଜଙ୍ଗରେ ବହୁ ଘଣ୍ଟା ପର୍ଯ୍ୟନ୍ତ ଅଘୋଷିତ ବିଜୁଳି କାଟ ହେଉଛି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଦ୍ୟୁତ୍ ଉପଭୋକ୍ତା ସଂଘ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବି ପତ୍ର ଦେଇଛନ୍ତି। ଯଦି ଏନେଇ ବିଭାଗ ତତ୍ପର ନ ହୁଏ ଏକ ସପ୍ତାହ ମଧରେ ଆନ୍ଦୋଳନ କରାଯିବ ବୋଲି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆବାହକ ବାବୁରାମ ଚୌଧୁରୀ ଓ ନବ ନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ଚେତାବନୀ ଦେଇଛନ୍ତି। ଅନ୍ୟପଟେ ରାଜ୍ୟସ୍ତରୀୟ ନିଷ୍ପତ୍ତି ଅନୁଯାୟୀ, ଭାଜପା ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

### ଆଇନଜୀବୀଙ୍କ ଦେହାନ୍ତ

**କୁଜଙ୍ଗ, ୧୫।୬(ମନୋଜ ପ୍ରଧାନ):** କୁଜଙ୍ଗର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସରକାରୀ ଓକିଲ ଗଗନ ବିହାରୀ ମହାନ୍ତି(୬୯)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ମହଲରେ ଶୋକର ଛାୟା



ଖେଳିଯାଇଥିଲା। ପୂର୍ବତନ ଏମ୍ପି ଡାକ୍ତର କୁଳମଣି ସାମଲ, ଓକିଲ ସଂଘ ପୂର୍ବତନ ସଭାପତି ଅମୃତ ଦାସ, ସୁଶାନ୍ତ ପଟ୍ଟନାୟକ, ନଳିନୀ ରଞ୍ଜନ ଦାସ, ରମେଶ ଚନ୍ଦ୍ର ଦାସ, ଓକିଲ ସଂଘ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ରଘୁନାଥ ସାହୁ ଓ ପୂର୍ବତନ ଏମ୍ପି ବିଭୁପ୍ରସାଦ ତରାଇ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗଗନ ଦୀର୍ଘଦିନ ହେବ ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ଖରାପ ହେବାରୁ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ତାଙ୍କ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ବେଳେ ଏକମାତ୍ର ପୁତ୍ର ବାପୁନୀ ମୁଖାଗ୍ନି ଦେଇଥିଲେ।

### ଗ୍ରାମେଶ୍ୱରଙ୍କ ପୀଠରେ ରଜ ମହୋତ୍ସବ

**ଏରସମା, ୧୫।୬(ଦୀପ୍ତି ରଞ୍ଜନ ଖଣ୍ଡୁଆଳ):** ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱରଙ୍କ ପୀଠ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ରଜ ମହୋତ୍ସବ ବୁଧବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି । ଶୁଭନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବାଲିକୁଦାର ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ରହି ମହୋତ୍ସବ ଜନମାନସରେ ସାଂସ୍କୃତିକ ଚେତନା ସୃଷ୍ଟି କରେ ବୋଲି କହିଥିଲେ । ଏଥିରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଯୁବନେତା ଧ୍ୱଜରାଜ ଖଣ୍ଡୁଆଳ, ପିସିସି ସଭ୍ୟ ନିତ୍ୟାନନ୍ଦ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ, ପୂର୍ବତନ ସରପଞ୍ଚ ସୁବୋଧ ମହାପାତ୍ର, ଗାୟନ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନୃତ୍ୟ, ରେକର୍ଡ ଡ୍ୟାନ୍ସ, ଅଭିନୟ ଓ ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ସ୍କୁଲ ଜୀବନର ବନ୍ଧୁତା ଅବିସ୍ମରଣୀୟ

**ତିର୍ତ୍ତୋଲ, ୧୫।୬ (ଗୌରାଙ୍ଗ ସ୍ୱାଇଁ):** ସ୍କୁଲ ଜୀବନର ନିଷ୍କପଟ, ନିରଳସ ଓ ନିଃସ୍ୱାର୍ଥ ବନ୍ଧୁତା ସାରାଜୀବନ ପାଇଁ ସାଙ୍ଗମାନଙ୍କୁ ଆତ୍ମୀୟତାର ବନ୍ଧନରେ ବାନ୍ଧି ରଖିଥାଏ। ଏହି ସ୍କୁଲ ଜୀବନର ବନ୍ଧୁତା ଅବିସ୍ମରଣୀୟ ବୋଲି ପଞ୍ଚସଖା ଉଚ୍ଚ ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀମାନେ ମତ ପୋଷଣ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳ ମାଧବ ସ୍ଥିତ ପ୍ରସିଦ୍ଧ ଧର୍ମେଶ୍ୱର ମନ୍ଦିର ନିକଟରେ ଗୁରୁବାର ରଜ ସଂକ୍ରାନ୍ତି ଅବସରରେ ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଉକ୍ତ ବ୍ୟାଜର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଜୀବନର ସ୍ମୃତିକୁ କିଛି ଘଣ୍ଟା ଲାଗି ପରସ୍ପର ମଧରେ ମନେ ପକାଇଥିଲେ। ଉକ୍ତ ବ୍ୟାଚର ଛାତ୍ର ନରହରି ସ୍ୱାଇଁ, ରାଧାଶ୍ୟାମ ସୂତାର, ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଦିଲୀପ କୁମାର ନାୟକ, ବିଭୂତି ଭୂଷଣ ଲେଙ୍କା, ପ୍ରଭାତ ଭାନୁ ନନ୍ଦ, ସୁଶାନ୍ତ ସାହୁ, ନୃସିଂହ ଚରଣ ସେଠୀ, ସାଗର କୁମାର ବିଶ୍ୱାଳ, ହିତାଂଶୁ ବିଶ୍ୱାଳ, ପୀତାମ୍ବର ଦାଶ, ଅଶୋକ କୁମାର ସାହୁ, ପ୍ରଦୀପ କୁମାର ବଡୁ, କୁମରବର ସେଠୀ, ଅନସୂୟା ମହାନ୍ତି, ଚୈତନ୍ୟ ମହାନ୍ତି ଓ ହରିଶ୍ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ପରସ୍ପର ମଧରେ ଭାବ ଆଦାନ ପ୍ରଦାନ କରିଥିଲେ।

# ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ



ରଜ ସଂକ୍ରାନ୍ତି ଉପଲକ୍ଷେ ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼ ।

**ଗୋରେଖନାଥ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ**

- ଅନେକ ସୁନାଚେନ, ପର୍ସ ଓ ମୋବାଇଲ ଫୋନ ଚୋରି
- ଟ୍ରାଫିକ ଜାମରେ ଫସି ରହିଲେ ଯାତ୍ରୀ

**ରଘୁନାଥପୁର, ୧୫।୬**
**(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ରଜସଂକ୍ରାନ୍ତି ଉପଲକ୍ଷେ ଗୁରୁବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରଭୁଙ୍କ ପ୍ରାତଃ ଅବକାଶ ପରେ ପୀଠ ମଧକୁ ଯାତ୍ରୀଙ୍କ ଆଗମନ ହୋଇଥିଲା । ଧୀରେ ଧୀରେ ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଏପରିକି ପୀଠ ପରିସର ଏବଂ ଚତୁଃପାର୍ଶ୍ୱ ପ୍ରବେଶ ପଥ ରାସ୍ତା ଲୋକାରଣ୍ୟ ହୋଇଯାଇଥିଲା । ବିଜେସ୍ଥଳୀରେ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧରେ ଏକପ୍ରକାର ପ୍ରତିଯୋଗିତା ହୋଇଥିଲା । ମାତ୍ର ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ସେଠାରେ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ଏହାର ସୁଯୋଗନେଇ କେତେଜଣ ମହିଳାଙ୍କ ବେକରୁ ସୁନାଚେନ ଓ ଯାତ୍ରୀଙ୍କ ମନିପର୍ସ ଏବଂ ମୋବାଇଲ ଫୋନ ଆଦି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଗଳଧାରୀ ନାଉଗାଁର ବିନତା ରାଉତ, ରଘୁନାଥପୁରର ସସ୍ମିତା ଦାସ ଓ କିଶନ ନଗର ଥାନା ବସ୍ତପୁରର ପ୍ରତିମା ସୁନ୍ଦରରାୟଙ୍କ ସୁନାଚେନ ଚୋରି ହୋଇଥିବା ନେଇ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା । ସେହିପରି ବାଲିକୁଦା ଇଚ୍ଛାପୁର ବିରୂପାକ୍ଷ ସାହୁ, ପଥୁରିଆ ଅଗପାଳ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ମନିପର୍ସ ଓ ଆହୁରି ଅନେକ ବ୍ୟକ୍ତିଙ୍କ ମୋବାଇଲ ଫୋନ ଚୋରି ହୋଇଥିବା ନେଇ ମଧ ସେଠାରେ ଅଭିଯୋଗ ହୋଇଥିଲା । ଟ୍ରଷ୍ଟବୋର୍ଡ ପକ୍ଷରୁ ସେମାନଙ୍କୁ ଥାନାରେ ଅଭିଯୋଗ କରିବା ପାଇଁ କୁହାଯାଇଥିଲା । ଶୃଙ୍ଖଳିତ ଦର୍ଶନ ଓ ବିଜେ ସ୍ଥଳରେ ପୋଲିସ ସୁରକ୍ଷା ନ ଥିବା ନେଇ ଭକ୍ତମାନେ ଅଭିଯୋଗ କରିଥିଲେ । ସେହିପରି ପୀଠକୁ ଆସିବା ପାଇଁ ଥିବା ଚତୁର୍ପାର୍ଶ୍ୱ ରାସ୍ତାରେ ଟ୍ରାଫିକ ଜାମ ଯୋଗୁ ଶତାଧିକ କାର ଓ ବାଇକ ଖରାରେ ଫସି ରହିଥିଲା । ଭିଡକୁ ଶୃଙ୍ଖଳିତ କରିବା ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ମାତ୍ର ୯ ଜଣ ପୋଲିସ କର୍ମୀଙ୍କୁ ନିୟୋଜିତ କରାଯାଇଥିଲା । ଫଳରେ ଅନେକ ଯାତ୍ରୀ ପୀଠ ନିକଟକୁ ଆସି ନପାରି ବାହୁଡ଼ିଯାଇଥିଲେ । ଗତ ବର୍ଷ ପରି ଚଳିତ ବର୍ଷ ଯାତ୍ରୀଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲେ ଏପରି ସମସ୍ୟା ଉପୁଜି ନଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହନ୍ତି । ରଥ ଡ୍ୟୁଟି ପାଇଁ ଫୋର୍ସ ଚାଲିଯାଇଥିବାରୁ କମ୍ ପୋଲିସ ମୁତୟନ କରାଯାଇଥିଲା ବୋଲି ତିର୍ତ୍ତୋଲ ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି ।

# ରଜ: ଗାଁଠୁ ସହର ଉତ୍ସବମୁଖର



ଯୁବତୀ ଓ ବାଳିକାମାନେ ପୁଚି ଖେଳୁଛନ୍ତି ।

**ଜଗତ୍‌ସିଂହପୁର ଜିଲା**

**ଜଗତସିଂହପୁର, ୧୫।୬**
**(ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାରେ ରଜ ପର୍ବ ଧୁମଧାମରେ ପାଳନ କରାଯାଏ । କୋଭିଡ୍ କାରଣରୁ ୨୦୨୦ ଓ ୨୦୨୧ରେ ଏହି ଉତ୍ସବ ବାଧାପ୍ରାପ୍ତ ହୋଇଥିଲା । ଚଳିତବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଏହି ପର୍ବ ପାଳନରେ କେତେକାଂଶରେ ସମସ୍ୟା ସୃଷ୍ଟି ହୋଇଥିଲେ ସୁଦ୍ଧା ଗାଁଠୁ ସହର ଚାରିଆଡେ ଉତ୍ସବମୁଖର ହୋଇଉଠିଛି । ବିଶେଷକରି ଝିଅମାନେ ଗତ ୧୩ ତାରିଖରୁ ଏହି ଉତ୍ସବକୁ ଧୁମଧାମରେ ପାଳନ କରୁଛନ୍ତି । ଯୁବତୀମାନେ ନୂଆ ପୋଷାକ ପରିଧାନ ସହ ପାଦରେ ଅଳତା, ନଖରେ ନଖପାଲିସ, ମଥାରେ କୁଙ୍କୁମ ଓ ହାତରେ ମେହେନ୍ଦି ଆଦିରେ ସଜେଇ ହୋଇ ଆନନ୍ଦର ସହାକାରେ ଏହାକୁ ପାଳନ କରୁଛନ୍ତି । ଜିଲାର ଅନେକ ସ୍ଥାନରେ ଲୋକେ ରଜଦୋଳି, ରଜ ପାନ, ପୁଚି ଆଦି ଖେଳୁଛନ୍ତି । ଘରେ ଘରେ ପୋଡ ପିଠାର ମଜା ବେଶ୍ ଆକର୍ଷଣୀୟ ହେଉଛି । ଗୁରୁବାର ରଜ ସଂକ୍ରାନ୍ତି ହୋଇଥିବାରୁ ପ୍ରତ୍ୟୁଷରୁ ମା'ଶାରଳାଙ୍କ ସମେତ ଗୋରେଖନାଥ, ସ୍ଥାନୀୟ ସୋମନାଥ, ମାର୍କଣ୍ଡେଶ୍ୱର ଆଦି ଦେବଦେବୀ ମନ୍ଦିରରେ ଭିଡ ଜମିଥିଲା ।

# ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଏରସମା, ୧୫।୬**
**(ଦୀପ୍ତିରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ୧୧ କେଭି ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ ଯୋଗଦେଇ କହିଥିଲେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ ଆଶାତୀତ ବୃଦ୍ଧି ପାଇଛି । ଫଳରେ ଜନ ସାଧାରଣଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି । ଏଥିରେ ଭାଜପା ନେତା ଶିବବ୍ରତ ଦାସ ଯୋଗଦେଇ କହିଥିଲେ, ବିଦ୍ୟୁତ କାଟ ହେବାରୁ ଛାତ୍ରୀଛାତ୍ରମାନେ ପାଠ ପଢିପାରୁ ନାହାନ୍ତି । କୌଣସି ବୈଦ୍ୟୁତିକ ଯନ୍ତ୍ରପାତି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏନେଇ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁ, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ସପନ ବେହେରା, ନିରାକାର ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ନିର୍ଲିପ୍ତ ଜେନା ପ୍ରମୁଖ ସାମିଲ ହୋଇଥିଲେ ।



ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପରିସରରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।

# ରୂପ ବଦଳୁଛି, ବ୍ୟବସ୍ଥା ସୁଧୁରୁନି

**ପାରାଦୀପ ମାଛଧରା ବନ୍ଦର ନବୀକରଣ ଚାଲିଛି**

**ପାରାଦୀପ, ୧୫।୬(ଶରତ ରାଉତ)**

ରାଜ୍ୟର ଅନ୍ୟତମ ବୃହତ୍ ପାରାଦୀପ ମାଛଧରା ବନ୍ଦର ଏବେ ନବକଳେବର ହେବାକୁ ଯାଉଛି। ନୂତନ ଅକ୍ସନ ହଲ (ନିଲାମ କେନ୍ଦ୍ର), ମାର୍କେଟ କମ୍ପ୍ଲେକ୍ସ, ଶୀତଳ ଭଣ୍ଡାର, ପୋତାଶ୍ରୟ ଉନ୍ନତି ଓ ବର୍ଥ ନବୀକରଣ ଆଦି ନିର୍ମାଣ ଚାଲିଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନାରେ ଏସବୁ ନୂତନ ପ୍ରକଳ୍ପ ହେଉଛି। କିନ୍ତୁ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପାଇଁ ପ୍ରସ୍ତାବିତ ନୂତନ ବର୍ଥ ପ୍ରସଙ୍ଗ ଉପରେ କୌଣସି ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି। ଏନେଇ ଛୋଟ ଡଙ୍ଗା ମାଲିକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ମାଛଧରା ବନ୍ଦର ୧୯୫୮ରେ ଆରମ୍ଭ ହୋଇଥିଲା। ପ୍ରଥମେ ନୂଆବଜାର ପୋର୍ଟ ୫ନଂ. ଗେଟ୍ ପାଖରେ ଏହା ଚାଲିଥିଲା। ପାରାଦୀପ ବନ୍ଦରରେ ପଣ୍ୟ କାରବାର ବୃଦ୍ଧି ପାଇବା ଯୋଗୁ ୧୯୯୮/୯୯ରେ ମାଛଧରାବନ୍ଦର ସ୍ଥାନାନ୍ତର ହୋଇଥିଲା। ସେକ୍ଟର ୨୧ ନେହେରୁ ବଙ୍ଗଳା ମହାନଦୀ ମୁହାଣ ପାଖରେ ରାଜ୍ୟ ସରକାରଙ୍କ ୪୮ ଏକର ଜାଗାରେ ଉକ୍ତ ମାଛଧରା ବନ୍ଦର କରାଯାଇଥିଲା। ୪ ଟି ପୋତାଶ୍ରୟ, ଅକ୍ସନ ହଲ ସମେତ ଅନେକ ପ୍ରକଳ୍ପ ସେତେବେଳେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ କରାଯାଇଥିଲା। ସେତେବେଳେ ଏସବୁ ପ୍ରକଳ୍ପ ପାଇଁ ପ୍ରାୟ ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ଏସବୁ ଅର୍ଥ ଦିଆଯାଇଥିଲା ବୋଲି ମତ୍ସ୍ୟବିଭାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ୨୦୧୧ ନଭେମ୍ବରରେ ଉକ୍ତ ମାଛଧରା ବନ୍ଦରକୁ ରାଜ୍ୟ ସରକାର ହାତକୁ ନେଇଥିଲେ। ଏହାକୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ରାଜ୍ୟ ମତ୍ସ୍ୟବିଭାଗ ଅଧିକାରୀଙ୍କ ସହ ଜିଲାପାଳ, ପାରାଦୀପ ବନ୍ଦର ଅଧକ୍ଷ ପ୍ରମୁଖ ସଦସ୍ୟ ରହିଛନ୍ତି। ଉକ୍ତ ମାଛଧରା ବନ୍ଦରକୁ ଇତିବର୍ଷରେ ୨୫ ବର୍ଷ ହୋଇଗଲାଣି। ବାର୍ଷିକ ୨୫୦ ମେଟ୍ରିକ ଟନ ମାଛ ଉତ୍ପାଦନ କରୁଥିବା ଏହି ବନ୍ଦରରେ ଏପର୍ଯ୍ୟନ୍ତ ଶୀତଳ ଭଣ୍ଡାର ହୋଇନାହିଁ। ଯେଉଁ ବର୍ଥର ପୋତାଶ୍ରୟ, ଅକ୍ସନ ହଲ ଅଛି ସେଠାରେ ଛୋଟ ଡଙ୍ଗାରୁ ଉତ୍ପାଦିତ ମାଛ ବିକ୍ରି ପାଇଁ ସୁବିଧା ନାହିଁ। ଛୋଟ ଡଙ୍ଗା ମାଛ ଅଠରବାଙ୍କୀ ବାଲିପ୍ଲଟ ମାଛଗଦିରେ ବିକ୍ରି ହେଉଛି। ସେମାନଙ୍କ ପାଇଁ ଅଲଗା ଅକ୍ସନ ହଲ ଓ ବର୍ଥ ପାଇଁ ଦୀର୍ଘବର୍ଷ ହେଲା ଦାବି ହେଉଛି। ଏପରିକି ୨୦୧୬ରେ ତତ୍କାଳୀନ ମତ୍ସ୍ୟବିଭାଗ ସଚିବ ବିଶାଳ ଗଗନ ପାରାଦୀପ ଗସ୍ତବେଳେ ଅଲଗା ଜାଗା ଚିହ୍ନଟ ହୋଇଥିଲା। ତାହା ଏପର୍ଯ୍ୟନ୍ତ ସେମିତି ଶିଥିଳ ଅବସ୍ଥାରେ ଅଛି ବୋଲି ପାରମ୍ପରିକ ମତ୍ସ୍ୟଜୀବୀ ମୁଖିଆ ସୁବା ରାଓ କୁହନ୍ତି। ଏବେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନାରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଦିଲ୍ଲୀର ଏକ ଠିକା କମ୍ପାନୀ ନବୀକରଣ କାମ କରୁଛନ୍ତି ବୋଲି ମତ୍ସ୍ୟ ଅଧିକାରୀ ବିଜୟ କୁମାର କର କୁହନ୍ତି। ମତ୍ସ୍ୟଜୀବୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଏସବୁ ପ୍ରସଙ୍ଗ ସରକାରୀ ସ୍ତରରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି।



ପାରାଦୀପ ମାଛଧରା ବନ୍ଦରରେ ନିର୍ମାଣ କାର୍ଯ୍ୟ ଚାଲିଛି।

# ଅଘୋଷିତ ବିଦ୍ୟୁତ କାଟ ଉପରେ ନିୟନ୍ତ୍ରଣ ନାହିଁ

**ଜଗତସିଂହପୁର ଜିଲାରେ ଅସହ୍ୟ ଗୁଳୁଗୁଳି**

**ଜଗତ୍‌ସିଂହପୁର, ୧୫।୬**
**(ପ୍ରମୋଦ କୁମାର ନାୟକ)**

ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ଲାଗି ରହିଛି। ବିଶେଷକରି ଅଘୋଷିତ ବିଦ୍ୟୁତ କାଟ ଜିଲାବାସୀଙ୍କୁ ଅତିଷ୍ଠ କରିଦେଲାଣି। ଓଡ଼ିଆଙ୍କର ଗଣପର୍ବ ରଜ ମଧ ଏଥିଯୋଗୁ କେତେକାଂଶରେ ପ୍ରଭାବିତ ହୋଇଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଜୁଳି ବିତରକ କମ୍ପାନୀ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ଦାୟିତ୍ୱ ନେଲା ପରେ ସତେ ଯେପରି ଏହି କମ୍ପାନୀ ଉପରେ କାହାରି ଅଙ୍କୁଶ ଥିବା ଭଳି ଅନୁଭୂତ ହେଉନାହିଁ। ଟିପିସିଓଡିଏଲ୍ ମନଇଚ୍ଛା ବିଦ୍ୟୁତ କାଟ କରିବା ସହ ରାଜ୍ୟ ସରକାରଙ୍କ ଲାବୋରେଟୋରିରେ ପରୀକ୍ଷା ହୋଇ ନ ଥିବା ମିଟର ଲୋକଙ୍କୁ ଜୋରଜବରଦସ୍ତ ଦିଆଯାଉଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ସରକାରୀଭାବେ ସ୍ଥିରୀକୃତ ସର୍ବନିମ୍ନ ବିଦ୍ୟୁତ ଯୋଗାଣ, ଭିତ୍ତିଭୂମିର ଉନ୍ନତି, ବିଦ୍ୟୁତ ବିଭ୍ରାଟ ହେଲେ ଠିକ୍ ସମୟରେ ସେବା ଆଦି ମିଳୁନାହିଁ। ଅଥଚ ବକେୟା ବିଲ୍ ଆଦାୟ ପାଇଁ କମ୍ପାନୀ ତତ୍ପର ଥିବା ଅନୁଭୂତ ହେଉଛି। ତେଣୁ କମ୍ପାନୀ ଉପରେ ଅସନ୍ତୋଷ ବୃଦ୍ଧି ପାଇ ଚାଲିଥିଲେ ସୁଦ୍ଧା ରାଜ୍ୟ ସରକାର ନୀରବ। ଏହା ପଛରେ କାରଣ କ'ଣ ଥାଉନା କାହିଁକି ଉପଭୋକ୍ତାଙ୍କ ସ୍ୱାର୍ଥକୁ ଗୌଣ କରାଯିବା ଯନ୍ତ୍ରଣାଦାୟକ ବୋଲି ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

ପାଖାପାଖି ୨ ବର୍ଷ ପୂର୍ବରୁ ରାଜ୍ୟ ସରକାର ଟାଟା ପାୱାରକୁ ରାଜ୍ୟରେ ବିଦ୍ୟୁତ ବଣ୍ଟନ ପାଇଁ ଅନୁମତି ଦେଇଥିଲେ। ସେତେବେଳେ ଟାଟା ପାୱାର ଲୋକଙ୍କୁ ଉତ୍ତମ ସେବା ଦେବ ବୋଲି କୁହାଯିବା ସହ ବ୍ୟାପକ ଆଲୋଚନା ହୋଇଥିଲା। ଯେହେତୁ ଏହି ସଂସ୍ଥା ଦିଲ୍ଲୀରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସଫଳତା ପାଇଥିଲା ତେଣୁ ଓଡ଼ିଶାବାସୀ ମଧ ଭଲ ସେବା ପାଇବା ଆଶାରେ ଆଶ୍ୱସ୍ତି ଅନୁଭବ କରିଥିଲେ। କମ୍ପାନୀ ପକ୍ଷରୁ ମଧ ଉପଭୋକ୍ତାଙ୍କୁ ସନ୍ତୁଷ୍ଟ ପାଇଁ ଅନେକ ଆକର୍ଷଣୀୟ ସୂଚନା ଦିଆଯାଇଥିଲା। କିନ୍ତୁ ଏଥିମଧରେ ଜିଲାର ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରାଯାଇ ପାରିନାହିଁ। ଯେଉଁଠି ହୋଇଛି ସେସବୁ ଅଞ୍ଚଳରେ ୨୪ ଘଣ୍ଟିଆ ବିଦ୍ୟୁତ ସେବା ସ୍ୱପ୍ନ ହୋଇଯାଇଛି। ଏପରି କି ଅନେକ ଅଞ୍ଚଳରେ ଦିନକୁ ୭/୮ ଘଣ୍ଟା ବିଦ୍ୟୁତ କାଟ୍ କରାଯାଉଛି। ହାରାହାରି ବିଦ୍ୟୁତ ଯୋଗାଣ କରାଯାଉନାହିଁ। କୌଣସି ସ୍ଥାନରେ ଖରାପ ହେଲେ ମରାମତି ବାହାନାରେ ସମୟ ଗଡ଼ାଯାଉଛି। ମରାମତି ପାଇଁ ଟୋଲ ଫ୍ରି ନମ୍ବରକୁ ଫୋନ କଲେ ପ୍ରଥମେ ବକେୟା ରାଶି ପୈଠ କରିବା ପାଇଁ ବାଧ କରାଯାଉଛି। ପ୍ରତି ମାସରେ ଠିକ ସମୟରେ ବିଲ ଆଦାୟ କରା ନ ଯାଇ ଜାଣିଶୁଣି ବିଳମ୍ବ କରାଯାଉଛି। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି ଅଧିକ ବିଜୁଳି ଖର୍ଚ୍ଚ କଲେ ବିଲ୍ ସ୍ଲେବ ବଢିବ। ନାନା ମାଧମରେ ଟାଟା ପାୱାର ଉପଭୋକ୍ତାଙ୍କୁ ଶୋଷଣ ଜାରି ରଖିଛି। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିଲେ ମଧ କିଛି ଫରକ ପଡୁନି। ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳିରେ ଜିଲାବାସୀ ଅତିଷ୍ଠ ହୋଇ ପଡୁଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଚିନ୍ତାର କାରଣ ପାଲଟିଛି ବୋଲି ଅଭିଯୋଗରେ କହିଛନ୍ତି।

## ବିଭାଗୀୟ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଘେରାଉ




ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ଅଘୋଷିତବିଦ୍ୟୁତକାଟ ଓ ଲୋ ଭୋଲଟେଜ ବିରୋଧରେ ଭାଜପା ଜିଲା ଶାଖା ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟପ ନିକଟ ଟିପିସିଓଡିଏଲ୍ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଥମେ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଦଳ ଜିଲା କାର୍ଯ୍ୟାଳୟରୁ ବାହାରି ବିଭାଗୀୟ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ତା'ପରେ ଦଳୀୟ ନେତା ଓ କର୍ମୀମାନେ ଟାଟା ପାୱାର ଓ ରାଜ୍ୟ ସରକାର ବିରୋଧରେ ନାରାବାଜି କରିଥିଲେ। ଆମ ରାଜ୍ୟରେ ବଳକା ବିଦ୍ୟୁତ ଥିବା ସତ୍ତ୍ୱେ କାହିଁକି ପାୱାରକଟ୍ ହେଉଛି ବୋଲି ପ୍ରଶ୍ନ କରାଯାଇଥିଲା। ଏହି ବିକ୍ଷୋଭରେ ଦଳ ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଜିଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ନଗର ସଭାପତି ଅକ୍ଷୟ କୁମାର ପାତ୍ର, କାଦୁଆପଡ଼ା ମଣ୍ଡଳ ସଭାପତି ଧନେଶ୍ୱର ରାୟ, ପଳାଶୋଳ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା, ପ୍ରଭାରୀ ରଞ୍ଜିତା ମହାନ୍ତି, ସମୀର ନାୟକ, ହେମନ୍ତ ପଲାଉରୀ, କାର୍ତ୍ତିକଙ୍କର ମହାନ୍ତି, ସସ୍ମିତ ବେହେରା, ବିକାଶ ସିଂ, ନୀହାର ପତି, ଲିଙ୍ଗରାଜ ଲେଙ୍କା, ସୋମନାଥ ରାଉଳ, ନବଘନ ସ୍ୱାଇଁ, ରୁଦ୍ର ନାରାୟଣ ଦାସ ଓ ରବିନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଏକର ପିଛା ୭୦ ଲକ୍ଷ ଟଙ୍କା, ନିଯୁକ୍ତି ପ୍ରତିଶ୍ରୁତି ଦାବି

**ବଡ଼କଣ୍ଟା କନ୍ଦା ଓ ଫିର୍‌କିଛିଟା କନ୍ଦା ଜମି ଅଧିଗହଣ ନୋଟିସ**

**କୁଜଙ୍ଗ, ୧୫।୬(ମନୋଜ ପ୍ରଧାନ)**

ଏରସମା ତହସିଲ ଅନ୍ତର୍ଗତ ବଡ଼କଣ୍ଟା କନ୍ଦା ଓ ଫିର୍‌କିଛିଟା କନ୍ଦା ଅଞ୍ଚଳର କିଛି ପ୍ଲଟ୍ ଅଧିଗ୍ରହଣ ନିମନ୍ତେ ଏରସମା ତହସିଲଦାରଙ୍କ ପକ୍ଷରୁ ଗତ ୧ ତାରିଖରେ ନୋଟିସ୍ ଜାରି କରାଯାଇଥିଲା । ଏ ନେଇ ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ୧୫ ଦିନ ମଧରେ ଲିଖିତ ଭାବେ ଜଣାଇବାକୁ ସୂଚିତ କରାଯାଇଥିଲା । ଏହି ସମୟସୀମା ମଧରେ ଢିଙ୍କିଆ ଗ୍ରାମର ନିର୍ଭୟ ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଫିର୍‌କିଛିଟା କନ୍ଦାରେ ଥିବା ଜମିକୁ ଅଧିଗ୍ରହଣ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି । ପୂର୍ବରୁ ବିଭିନ୍ନ କମ୍ପାନୀ ପାଇଁ ଶାଗ ମାଛ ଦରରେ ଜମି ଦେଇଥିଲୁ । ସେତେବେଳେ ଜମିହରା ପରିବାରରୁ ଜଣେ ଲେଖାଏଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ତେଣୁ ବଡ଼କଣ୍ଟ କନ୍ଦା ଓ ଫିର୍‌କିଛିଟା କନ୍ଦାରେ ଥିବା ଚାଷ ଜମିକୁ ହରାଇବାକୁ ଚାହୁଁନାହୁଁ । ଏକର ପିଛା ୭୦ ଲକ୍ଷ ଟଙ୍କା ଓ ଜମିହରା ପରିବାରରୁ ଜଣଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ନିଶ୍ଚିତ କରା ନ ଗଲେ ଜମି ଛଡ଼ାଯିବ ନାହିଁ । ଆବଶ୍ୟକ ସ୍ଥଳେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏନେଇ ୩ ଦିନ ତଳେ ବାଲିତୁଠସ୍ଥିତ କଦମ୍ବ ମଠରେ କ୍ଷତିଗ୍ରସ୍ତ ହେବାକୁଥିବା ଚାଷୀମାନେ ଏକାଠି ହୋଇ ଆଲୋଚନା କରିଥିବା ଜଣାପଡ଼ିଛି ।

## ଚା' ପିଉଥିବାବେଳେ ଯୁବକଙ୍କ ମୃତ୍ୟୁ

କଳିଙ୍ଗନଗର,(ଶୁଭାଶିଷ ରାଉତ):ଚା' ପିଉଥିବାବେଳେ ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁହୋଇଛି। ସେ ହେଲେ ଟମକା ଥାନା ଚିତ୍ରି ଗ୍ରାମର ଜଟାଧାରୀ ସାମଲ (୪୫)। ସେ ରଗଡ଼ି କଡ଼ମା ଅଞ୍ଚଳରେ ରହୁଥିଲେ। ରଜ ପାଇଁ ଚିତ୍ରି ଆସୁଥିବାବେଳେ ଟମକା ଥାନା ଫୁଲିଝର ଛକ ନିକଟରେ ଏକ ଦୋକାନରେ ଚା' ପିଉଥିଲେ। ପରେ ସେଠାରେ ହଠାତ୍ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ତାଙ୍କ ସମ୍ପର୍କୀୟ ପହଞ୍ଚି ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କ ପୁତୁରା କେଦାର ରଞ୍ଜନ ସାମଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା ନଂ.୪/୨୩ ରୁଜୁ ହୋଇଛି।

## କାଜୁ ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଜବତ ହତ୍ୟା ଅଭିଯୋଗ

**କଳିଙ୍ଗନଗର,୧୫।୬(ଶୁଭାଶିଷ ରାଉତ):**

କଳିଙ୍ଗନଗର ଥାନା ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ରାମଠେଙ୍ଗା ରେଳଧାରଣା ନିକଟ କାଜୁ ଜଙ୍ଗଲରୁ ଗୁରୁବାର ଜଣେ ଯୁବତୀଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଯୁବତୀଙ୍କ ପରିଚୟ ଜଣା ପଡ଼ି ନ ଥିବାବେଳେ ତାଙ୍କ ବୟସ ୨୨ରୁ୨୭ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। କାଜୁ ଜଙ୍ଗଲ ନିକଟରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ସକାଳେ ଗାଁଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ୍. ଟପ୍ପୋ କଳିଙ୍ଗନଗର ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ ଯୁବତୀଙ୍କୁ କେହି ହତ୍ୟା କରି କାଜୁ ଜଙ୍ଗଲରେ ଫିଙ୍ଗି ଦେଇଥିବା ରାମଠେଙ୍ଗାର ମନୋରଞ୍ଜନ ହାଇବ୍ରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ନଂ.୧୦୭/୨୩ ରୁଜୁ କରିଛି।

# ବେସରକାରୀ ଅଲଟ୍ରାସାଉଣ୍ଡ ମେଶିନ ଭରସା

**ଯାଜପୁର, ୧୫।୬ (ହର୍ଷବର୍ଦ୍ଧନ ବେହେରା)**

ଗର୍ଭବତୀ ଓ ପ୍ରସୂତି ମହିଳା ମୃତ୍ୟୁହାର କମାଇବା ଉଦ୍ଦେଶ୍ୟରେ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ ପରିପ୍ରେକ୍ଷୀରେ ଯାଜପୁର ଜିଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) କାର୍ଯ୍ୟ କରୁଛି। ଏହି ଯୋଜନା ଗର୍ଭବତୀ ଓ ପ୍ରସୂତି ମହିଳା ମୃତ୍ୟୁହାରକୁ ରୋକିବାରେ କିଛିଟା ସଫଳତା ହାସଲ କରିପାରିଛି ସତ, ହେଲେ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟକୁ ପରାହତ କରୁଛି। ଯେଉଁ ଅନୁପାତରେ ଗର୍ଭବତୀ ମହିଳା ମୃତ୍ୟୁହାର କମିବା କଥା ସେହି ଅନୁପାତରେ କମୁନାହିଁ। ଏହାର ମୁଖ୍ୟ କାରଣ ହେଉଛି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଥିବା ବହୁ ଯନ୍ତ୍ରପାତି ରୋଗୀ ଚିକିତ୍ସାରେ ବ୍ୟବହାର ହୋଇପାରୁନାହିଁ। ସେଥିମଧ୍ୟରୁ ଗର୍ଭବତୀ ମହିଳାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ଜରୁରୀ ସମୟରେ କାମରେ ଲାଗୁ ନାହିଁ। ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ ସୁବିଧା ରହିଛି। ଏହାବାଦ୍ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅଲଟ୍ରାସାଉଣ୍ଡ ଉପରେ ନିର୍ଭର କରୁଥିବା ବହୁ ରୋଗୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲା ସଦର ମହକୁମା ସମେତ ଅନ୍ୟତମ ବଡ଼ ସହର ବ୍ୟାସନଗରରେ ପରୋକ୍ଷରେ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକୁ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳିଛି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ଅଲଟ୍ରାସାଉଣ୍ଡ ମେଶିନ ଗର୍ଭବତୀ ମହିଳାଙ୍କ ଗର୍ଭାଶୟର ସ୍ଥିତି ଓ ଗର୍ଭାଶୟରେ ଥିବା ଶିଶୁର ଅବସ୍ଥା ସମ୍ପର୍କରେ ସୂଚନା ଦେଇଥାଏ। ସରକାରୀସ୍ତରରେ ଏହି ଗୁରୁତ୍ୱପୂର୍ଣ୍ଣ ମେଶିନକୁ ଅଗ୍ରାଧିକାର ଦିଆଯାଉ ନ ଥିବାରୁ ଜିଲାର ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସମସ୍ୟାରେ ପଡ଼ିବା ସହିତ ବାହାରେ ଅଲଟ୍ରାସାଉଣ୍ଡ କରି ଶୋଷଣର ଶିକାର ହେଉଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି, ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଥିଲେ ମଧ୍ୟ ଏଭଳି ପ୍ରମୁଖ ସମସ୍ୟା ସମାଧାନ ପ୍ରତି କାହାର ତତ୍ପରତା ପ୍ରକାଶ ପାଉନାହିଁ। ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଜଣେ ରୋଗୀଙ୍କୁ ସରକାରୀ ଭାବେ ଅତି କମ୍ ମୂଲ୍ୟ ଦେବାକୁ ପଡୁଥିଲା। କିନ୍ତୁ ଏବେ ରୋଗୀମାନଙ୍କୁ ଘରୋଇ ନର୍ସିଂହୋମରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ୧୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରିକି ଜରୁରୀ ସମୟରେ ରୋଗୀଙ୍କଠାରୁ ଅଧିକ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଛି। ଏପରି ଭାବେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଅଧିକାଂଶ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ଏପରି ପରିସ୍ଥିତିରେ ରୋଗୀ ଅନ୍ୟ ଜାଗାକୁ ଉଚ୍ଚତର ଚିକିତ୍ସା ପାଇଁ ଯାଉଛନ୍ତି। ଉଚିତ ସମୟରେ ଚିକିତ୍ସା ସେବା ପାଇ ନ ପାରି ଗୁରୁତର ରୋଗୀଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେଶିନ ଥାଇ ନ ଥିବା ଭଳି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଜଗଦୀଶ ପ୍ରସାଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରାୟ ୭ ମାସ ହେଲା ଅଲଟ୍ରାସାଉଣ୍ଡ ମେଶିନର ବିଶେଷଜ୍ଞ ଡାକ୍ତର ନାହାନ୍ତି। ତେଣୁ ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କ ଦ୍ୱାରା କେବଳ ଗର୍ଭବତୀ ମହିଳାଙ୍କ ପରୀକ୍ଷା ହୋଇପାରୁଛି। ରବିବାର ବ୍ୟତୀତ ଅନ୍ୟ ଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ ପରୀକ୍ଷା ଉପଲବ୍ଧ ହେଉଛି। ଆବଶ୍ୟକ ପଡ଼ିଲେ ଅନ୍ୟ ସମୟରେ ମଧ ପରୀକ୍ଷା କରାଯାଉଛି।

**ଜିଲା ମୁଖ୍ୟ ଚିକିତ୍ସାଳୟ**

■ ସରକାରୀ ବିଶେଷଜ୍ଞ ଡାକ୍ତର ନାହାନ୍ତି



## ଟଙ୍କା ମାଗିବାରୁ ଗୁପ୍‌ଚୁପ୍ ବିକାଳିଙ୍କୁ ଆକ୍ରମଣ

**ରସୁଲପୁର,୧୫।୬(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଗୁପଚୁପ ଖାଇବା ବାବଦକୁ ଟଙ୍କା ମାଗିବାକୁ କେନ୍ଦ୍ରକରି ମାରପିଟ ହୋଇଛି। ରସୁଲପୁର ଗ୍ରାମର ଦୁଇ ଯୁବକଙ୍କ ମରଣାନ୍ତକ ଆକ୍ରମଣରେ ଗୁପ୍‌ଚୁପ୍ ବିକାଳି ନନ୍ଦନ ଚୌଧୁରୀ ଗୁରୁତର ହୋଇଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ବିହାର ରାମନଗର ଜିଲା ପରସରା ଗ୍ରାମର ନନ୍ଦନ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଥାନା ଅଧୀନ ରସୁଲପୁର ଗ୍ରାମରେ ରହି ଗୁପ୍‌ଚୁପ୍ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ମଧ୍ୟାହ୍ନରେ ସେ ଗୁପ୍‌ଚୁପ୍ ବିକିବାକୁ ବଜାର ଯିବା ପାଇଁ ବାହାରୁଥିଲେ। ଏହି ସମୟରେ ସେହି ଗ୍ରାମର ଦୟାନିଧି ସାହୁଙ୍କ ପୁଅ ମୁନା ଓ ଗେଢୁଆ ସାହୁଙ୍କ ପୁଅ କାହ୍ନା ଆସି ଗୁପ୍‌ଚୁପ୍ ଖାଇଥିଲେ। ପରେ ନନ୍ଦନ ସେମାନଙ୍କୁ ଟଙ୍କା ମାଗିଥିଲେ। ଏହାକୁ କେନ୍ଦ୍ର କରି ସେମାନେ ନନ୍ଦନଙ୍କୁ ଖରାପ ଭାଷାରେ ଗାଳି କରିବା ସହ ତଳେ ପକାଇ ମାଡ଼ ମାରିଥିଲେ। ପରେ ମୁନା ଏକ ପଥର ଆଣି ତାଙ୍କ ମୁଣ୍ଡକୁ ଛେଚିବାକୁ ଉଦ୍ୟମ କରୁଥିବାବେଳେ କେତେଜଣ ମହିଳା ପହଞ୍ଚି ପାଟିତୁଣ୍ଡ କରିବାରୁ ସେମାନେ ସେଠାରୁ ପଳାଇଥିଲେ। ଗଲାବେଳେ ନନ୍ଦନଙ୍କ ସ୍ତ୍ରୀ ଓ ପୁଅଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆକ୍ରମଣରେ ନନ୍ଦନଙ୍କ ନାକ ଓ ପାଟିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇଛନ୍ତି। ଏ ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ଶିବଚରଣ ବେହେରାଙ୍କୁ ପଚାରିବାରେ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ତଦନ୍ତ ପରେ ମାମଲା ରୁଜୁ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଆକ୍ରମଣର ଶିକାର ହୋଇଥିବା ଗୁପ୍‌ଚୁପ୍ ବିକାଳି ନନ୍ଦନ ଚୌଧୁରୀ।

## ନିଆରା ଢଙ୍ଗରେ ରଜ ପାଳିତ



ଇଚ୍ଛା ପାଟଣା ଗ୍ରାମରେ ପିଲାମାନେ ରଜଦୋଳି ଖେଳୁଛନ୍ତି।

**ଛତିଆ,୧୫।୬(ସୌମ୍ୟରଞ୍ଜନ ସାହୁ):**

ଆଧୁନିକତାର ଛାପାରେ ଧୀରେଧୀରେ ଢାଙ୍କି ହୋଇଯାଉଛି ଆମ ଅଳଙ୍କୃତ ପରମ୍ପରା ଓ ସଂସ୍କୃତି। ପିଲାମାନେ ଏବେ ଗାଁ ତୋଟା ଭୁଲି ପାର୍କକୁ ଯାଉଥିବା ଦେଖିବାକୁ ମିଳୁଛି। ଗାଁମୁଣ୍ଡରେ ପୂର୍ବ ପରି ଗାଁ ପିଲାଙ୍କର ବାଗୁର ଡାକ ମଧ ଶୁଣିବାକୁ ମିଳୁନାହିଁ। ଏହାରି ଭିତରେ ଓଡ଼ିଶାର ଗଣପର୍ବ ରଜ ବରଷକେ ଥରେ ଆସି ପହଞ୍ଚିଛି। ପୂର୍ବପରି ସେ ରଜର ମହକ ନ ଥିବା ବେଳେ ସହରଠାରୁ ଆରମ୍ଭ କରି ଗାଁ ପୁରପଲ୍ଲୀରେ ପାଳନ କରାଯାଉଛି ଏହି ପରମ୍ପରାର ପର୍ବରଜ। ଏହିପର୍ବକୁ ଉଜ୍ଜୀବିତ ରଖିବା ପାଇଁ ବିଭିନ୍ନ ଗ୍ରାମରେ କିଛି ଭିନ୍ନ ଭିନ୍ନ ପ୍ରୟାସ ଆରମ୍ଭ ହୋଇଛି। ଏହିକ୍ରମରେ ବଡ଼ଚଣା ବ୍ଲକ ଅଧୀନ ଇଚ୍ଛା ପାଟଣା ଗ୍ରାମର ଗୌରୀଶଙ୍କର ଯୁବକ ସଂଘ ପକ୍ଷରୁ ପାଞ୍ଚ ଦିନ ଧରି ନିଆରା ଢଙ୍ଗରେ ରଜ ପାଳନ କରାଯାଉଛି। ଏଠାରେ ୧୫ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ଦୋଳି ଲାଗିଥିବାବେଳେ ବିଭିନ୍ନ ବର୍ଗର ପିଲାଙ୍କୁ ନେଇ ଅନେକ ଖେଳ ପ୍ରତିଯୋଗିତା କରାଯାଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ରଜ ପାନ ଓ ପୋଡ଼ପିଠା ବଣ୍ଟାଯାଉଛି। ଏହାକୁ ଉପଭୋଗ କରିବାକୁ ସକାଳୁ ରାତି ପର୍ଯ୍ୟନ୍ତ ପ୍ରବଳ ଲୋକଙ୍କ ସମାଗମ ହେଉଛି।

## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜ ଉତ୍ସବ

**ଧର୍ମଶାଳା,୧୫।୬(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସରରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ରଜ ଭିତ୍ତିକ କବିତା ପଠନ, ପୁସ୍ତକ ଲୋକାର୍ପଣ ଓ ସାହିତ୍ୟ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ସନ୍ତୋଷ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ରଜ ପର୍ବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ସ୍ତମ୍ଭକାର ନବଘନ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଅତିଥିଙ୍କୁ ସ୍ୱାଗତ ଜଣାଇଥିବାବେଳେ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଗୋଲକ ଚନ୍ଦ୍ର ପଲେଇଙ୍କ ଦ୍ୱାରା ଲିଖିତ 'ସେବାରେ ସରଗ'ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ।

ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅର୍ଜୁନ ପୃଷ୍ଟି ଓ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦଚନ୍ଦ୍ର ସାହୁ, ଶଶିଭୂଷଣ ଦ୍ୱାରି, ବେଣୁଧର ନାୟକ, ପ୍ରହ୍ଲାଦ ପଣ୍ଡା, ଗଗନବିହାରୀ ଦତ୍ତ, ସନ୍ଧ୍ୟାରାଣୀ ମିଶ୍ର, ଯୁଗଳ କିଶୋର ଦାସ, କାଦମ୍ବିନୀ ମିଶ୍ର ଓ ଦୀନବନ୍ଧୁ ତ୍ରିପାଠୀ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ରଜ ଉତ୍ସବ ପାଳନ ଅବସରରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିଦ୍ୟୁତ୍ କାଟ୍ ଅଣାୟତ୍ତ

**କାଏମା,୧୫।୬(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ୍ କାଏମା ଅଞ୍ଚଳରେ ବିଦ୍ୟୁତ୍ କାଟ୍ ଅଣାୟତ୍ତ ହୋଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ଛଟ ପଟ ହେଉଥିବାବେଳେ ବିଦ୍ୟୁତ୍‌କୁ ଭରସା କରୁଛନ୍ତି। ହେଲେ ବାରମ୍ବାର ବିଦ୍ୟୁତ୍ କଟୁଥିବାରୁ ଘରେ ରହିବା କଷ୍ଟକର ହୋଇପଡୁଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ସାମାନ୍ୟ ପବନ କି ଝିପିଝିପି ବର୍ଷା ହେଲେ ବିଦ୍ୟୁତ୍ କାଟ ହେଉଛି। କେଉଁଠି ବିଦ୍ୟୁତ୍ ଖୁଣ୍ଟ କିମ୍ବା ତାରରେ ସାମାନ୍ୟ ସମସ୍ୟା ଥିଲେ ମଧ ୨ରୁ ୩ଘଣ୍ଟା ମଧ୍ୟରେ ମରାମତି ହୋଇପାରୁନାହିଁ। ଗତ ମଙ୍ଗଳବାର ରାତି ୧୧ଟାରେ ଝିପିଝିପି ବର୍ଷା ହୋଇ ଛାଡ଼ି ଯାଇଥିଲା। କିନ୍ତୁ ରାତି ତମାମ ବିଦ୍ୟୁତ୍ ନ ଥିଲା। ବିଜୁଳି କାର୍ଯ୍ୟାଳୟକୁ ଫୋନ କଲେ ମଧ କେହି ଉଠାଇ ନ ଥିଲେ। କାଏମା ବଜାରରେ ବିଦ୍ୟୁତ୍ କର୍ମଚାରୀ ଏକ ରୁମ ନେଇ ବସା ଉଠାକରୁଛନ୍ତି। ହେଲେ ରାତିରେ ତାହା ସଂପୂର୍ଣ୍ଣ ବନ୍ଦ ରହୁଛି। ତେଣୁ ରାତି ସମୟରେ କର୍ମଚାରୀଙ୍କୁ ନିୟୋଜିତ କରାଗଲେ ଏଭଳି ଅସୁବିଧା ହୁଅନ୍ତା ନାହିଁ ବୋଲି ଲୋକେ କହିଛନ୍ତି।

ଅନ୍ୟପକ୍ଷରେ ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ଟାଟା ପାୱାରକୁ ଦିଆଯିବା ପରେ ପୂର୍ବ ଅବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ହେଲେ ଗୋଟିଏ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ବକେୟା ବିଲ ଆଦାୟ ବାହାନାରେ ବାରମ୍ବାର ବିଦ୍ୟୁତ୍ କାଟ୍ କରାଯାଇ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ କାଏମା ବଜାର ମଧ୍ୟରେ ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବା ସ୍ଥାନ ଘୁକୁଳା ପଡ଼ିଛି। କିନ୍ତୁ ଏଥିପ୍ରତି ବିଭାଗର ନଜର ପଡୁନାହିଁ। ଏସବୁକୁ ପାଚେରି ଦ୍ୱାରା ଆବଦ୍ଧ କରା ନ ଲେ ଆଗାମୀ ଦିନରେ ବଡ଼ ବିଦ୍ୟୁତ୍ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତେଣୁ ଟାଟା ପାୱାର ଅଧିକାରୀ ଏସବୁ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି।

## ହନୁମାନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଚଣ୍ଡିଖୋଲ,୧୫।୬(ପ୍ରଦୀପ୍ତ ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ମଠ ପରିସରରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଠ ମହନ୍ତ ମହାରାଜ ସ୍ୱର୍ଗତ ମାଧବାନନ୍ଦ ଦାସ ମହାରାଜ ଏହି ମନ୍ଦିର ଆରମ୍ଭ କରିଥିଲେ ଓ ପ୍ରତିଷ୍ଠା ପୂର୍ବରୁ ଇହଲିଳା ସମ୍ବରଣ କରିଥିଲେ। ସେଥିପାଇଁ ନୀଳମଣି ବଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କାର୍ଯ୍ୟ ସମାପନ କରିବାକୁ ଗ୍ରାମବାସୀଙ୍କ ମଧ୍ୟରେ ସ୍ଥିର ହୋଇଥିଲା। ୩ ଦିନ ଧରି ଅନୁଷ୍ଠିତ ଉତ୍ସବକୁ ଅନିଲ କୁମାର ବଳ, ଶରତ କୁମାର ବଳ, ମହେଶ୍ୱର ବାହୁ ବଳେନ୍ଦ୍ର ମହାପାତ୍ର, ରଞ୍ଜିତ କୁମାର ବଳ, ହିମାଂଶୁ ଶେଖର ବଳ, କାହ୍ନୁଚରଣ ଦାସ, ବଟକୃଷ୍ଣ ଦାସ, ଭଞ୍ଜକିଶୋର ଦାସ, ବନମାଳୀ ପାତ୍ର ଓ ଶରତ କୁମାର ସାହୁ ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

କର୍ତ୍ତାଭାବେ ଅଜୟ କୁମାର ସାମଲ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ସାମଲ ଯୋଗ ଦେଇଥିଲେ। ନଣ୍ଡା ପଡ଼ିଆ ମଠ ମହନ୍ତ ଦୟାନିଧି ରାମଦାସ ମହାରାଜ ଯୋଗଦେଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।



ବଡ଼ଚଣା ବ୍ଲକ ଚାରିନଙ୍ଗଳ ମଠ ପରିସରରେ ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଉଛି।

## ସୌରଭଙ୍କୁ ଏନ୍‌ଇଇଟି ପରୀକ୍ଷାରେ ସଫଳତା

**ରସୁଲପୁର,୧୫।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ପ୍ରଧାନଶିକ୍ଷକ ସୁଧାଂଶୁ ରଞ୍ଜନ ଆଏଚଙ୍କ ପୁଅ ସୌରଭ ଆଏଚଙ୍କୁ ଏନ୍‌ଇଇଟି ପରୀକ୍ଷାରେ ସଫଳତା ମିଳିଛି। ଚଳିତ ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ସୌରଭ ମୋଟ୍ ୭୨୦ ନମ୍ବରରୁ ୬୩୬ ନମ୍ବର ହାସଲ କରି ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଇଆଇଟି ଇଞ୍ଜିନିୟର ହେବାକୁ ସ୍ୱପ୍ନ ଦେଖିଥିବା ସୌରଭ, ଏବେ ମା'ବାପାଙ୍କ ସ୍ୱପ୍ନ ସାକାର ପାଇଁ ଡାକ୍ତରୀ ପଢ଼ିବାକୁ ଯାଉଛନ୍ତି। ସେ ଭବିଷ୍ୟତରେ ଜଣେ ଭେଷଜ ବିଶେଷଜ୍ଞ ଓ ନ୍ୟୁରୋ ସର୍ଜନ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ଶିକ୍ଷା ବର୍ଷରେ ସେ ପ୍ରଥମ ଥର ଏନ୍‌ଇଇଟି ପ୍ରବେଶିକା ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ ୫୭୩ ନମ୍ବର ହାସଲ କରି ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ହୋଇଥିଲେ। ହେଲେ ସରକାରୀ ମେଡିକାଲ କଲେଜରେ ସେ ଯେଉଁ ବିଭାଗର ଡାକ୍ତରୀ ପାଠ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ତା ସମ୍ଭବପର ହୋଇପାରିଲା ନାହିଁ। ସେଥିପାଇଁ ତାଙ୍କୁ ୨ୟ ଥର ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିଥିଲା। ଯେଉଁଥିରେ ସେ ସଫଳତା ହାସଲ କରିପାରି ଲକ୍ଷ୍ୟ ହାସଲ କରିବା ଦିଗରେ ଚେଷ୍ଟା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

ସୌରଭ ଗାଁ ହାଇସ୍କୁଲ ଭାଲୁଖୁଣୀ ବିଦ୍ୟାପୀଠରେ ପଢୁଥିଲେ। ବଡ଼ ଭଉଣୀ ଶୁଭଶ୍ରୀ ଶୁଭସ୍ମିତା ଆଏଚ ଯିଏ କି ଜଣେ ମେଧାବୀ ଛାତ୍ରୀ ସେ ସୌରଭଙ୍କୁ ଅଷ୍ଟମ ଶ୍ରେଣୀରୁ ଡାକ୍ତରୀ ପାଠ ପଢ଼ିବା ପାଇଁ ପ୍ରେରଣା ଦେଇ ଆସୁଥିଲେ। ମାତ୍ର ସୌରଭଙ୍କ ଇଚ୍ଛା ଭିନ୍ନ ଥିଲା। ସେ ଗଣିତରେ ଭଲ ପ୍ରଦର୍ଶନ କରୁଥିବାରୁ ଆଇଆଇଟି ଇଞ୍ଜିନିୟର ହେବାକୁ ଇଚ୍ଛା ପ୍ରକଟ କରିଥିଲେ। ମା'ନଳିନୀ ପ୍ରଭା ଆଏଚ ଓ ବାପା ସୁଧାଂଶୁ ରଞ୍ଜନ ଆଏଚ ପୁଅକୁ ପ୍ରେରଣା ଦେଇ କହୁଥିଲେ କି ସେ ଜଣେ ଡାକ୍ତର ହେଲେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଲୋକଙ୍କ ସେବା କରିପାରିବେ। ତେଣୁ ସେ ତାଙ୍କ ଇଚ୍ଛାରେ ପରିବର୍ତ୍ତନ ଆଣି ମା'ବାପାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଡାକ୍ତର ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ଜଣେ ସଫଳ ଡାକ୍ତର ହୋଇ ଅଞ୍ଚଳ ଲୋକଙ୍କ ସେବାକୁ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଛନ୍ତି। ବଡ଼ ଭଉଣୀଙ୍କ ପ୍ରେରଣା, ମା'ବାପା ଓ ଗୁରୁଜନଙ୍କ ଆଶୀର୍ବାଦରୁ ସେ ସଫଳତା ପାଇଛନ୍ତି। ଏହି ସଫଳତା ସମ୍ପର୍କରେ ଅବଗତ ହେବାପରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ତାଙ୍କ ଘରେ ପହଞ୍ଚି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



ବାପା ମା'ଙ୍କ ସହ ସୌରଭ ଆଏଚ।

## ବଡ଼ଚଣା ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଧାରଣା

**ଚଣ୍ଡିଖୋଲ,୧୫।୬(ପ୍ରଦୀପ୍ତ ପୃଷ୍ଟି):**

ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଭାଜପା ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବଡ଼ଚଣା ଭାଜପା ପକ୍ଷରୁ ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଛି।

ମଣ୍ଡଳ ସଭାପତି ଲଲାଟ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଭାଜପା ସମ୍ପାଦକ ଅମର ନାୟକ ଯୋଗଦେଇ ଟାଟା ପାୱାର ଏବେ ହିଟଲରି ଶାସନ ଚଳାଇଛି। ମନଇଚ୍ଛା ବିଦ୍ୟୁତ୍ କାଟ କରୁଥିବାବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ରାଜ୍ୟ ସରକାର ଏହାର ବିନିଯୋଗ କରିବାରେ ବିଫଳ ହୋଇଛନ୍ତି। ତେଣୁ ବିଦ୍ୟୁତ୍ ସେବା ୭ ଦିନ ମଧ୍ୟରେ ନିୟମିତ କରା ନ ଗଲେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଗ୍ରୀଡ୍ ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଥିଲେ।

ଜିଲା ସାଧାରଣ ସମ୍ପାଦକ ଦେବଜାନୀ ପ୍ରଧାନ ଓ ସମ୍ପାଦକ ପ୍ରମୋଦ କୁମାର ଜେନା ଯୋଗଦେଇ କହିଥିଲେ, ଟାଟା ପାୱାର କର୍ମଚାରୀଙ୍କ ଗ୍ରାମାଞ୍ଚଳ ଲୋକଙ୍କ ଉପରେ ଦାଦାଗିରି ସୀମା ଟପିଗଲାଣି। ପ୍ରତ୍ୟେକ ଲୋକଙ୍କ ଘରେ ପଶି ଜୋର୍ ଜବରଦସ୍ତ ଲକ୍ଷାଧିକ ଟଙ୍କା ଜରିମାନା କରୁଛନ୍ତି। ଅନ୍ୟପଟେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଓ ବୃଦ୍ଧ ବ୍ୟକ୍ତି ବିଦ୍ୟୁତ୍ କାଟ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବେଣୁଧର ବିଶ୍ୱାଳ, ଗଙ୍ଗାଧର ଦାସ, ବିଶ୍ୱବିଜୟୀ ବ୍ରହ୍ମ, ରବୀନ୍ଦ୍ର କୁମାର ରାଉତ, ଅଶୋକ ନାୟକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ କୁମାର ନାୟକ, ଦଳିତ ମୋର୍ଚ୍ଚା ସଭାପତି ପ୍ରଭାକର ମଲିକ, ଓବିସି ମୋର୍ଚ୍ଚା ସଭାପତି ସମରେନ୍ଦ୍ର ପରିଡ଼ା, ପବିତ୍ର ରାଉତ, ସୁପ୍ରଭାସିନୀ ମଲିକ, ସୀତନାଥ ବଳ ସାମନ୍ତ, ଅଜୟ କୁମାର ଜେନା, ଭବାନୀ ଖୁଣ୍ଟିଆ, ପ୍ରଶାନ୍ତ ଦାସ, ଅଜୟ ତରାଇ ଓ ନିରଞ୍ଜନ ମହାନ୍ତି ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପରେ ମୁଖ୍ୟଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରଯାଇଥିଲା।

**ବିଦ୍ୟୁତ୍ କାଟ୍‌ର ପ୍ରତିବାଦ**



ଭାଜପା ନେତା ଓ କର୍ମୀମାନେ ଧାରଣାରେ ବସିଛନ୍ତି।

# ଡୁବୁରୀ ପାହାଡ଼ କାଟି ଲୁଟିନେଲେ ୫୦୦ ଟ୍ରିପ୍ ପଥର

ନୟାଗଡ଼, (ଲୋକନାଥ ମିଶ୍ର)/ଓଡ଼ଗାଁ (ଆଦର୍ଶ କୁମାର ପଟ୍ଟନାୟକ),୧୫।୬





ପୋଖରୀ ଖନନବେଳେ କଟାଯାଇଥିବା ପଥର।

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ପାଣ୍ଡେରୀପଡା ପଞ୍ଚାୟତ ପାଣ୍ଡେରୀପଡ଼ା ବଡ଼ ପୋଖରୀ ଖୋଳାରେ ଅନିୟମିତତା ହୋଇଥିବାବେଳେ ପୋଖରୀ ଭିତରେ ଡୁବୁରୀ ପାହାଡକୁ କାଟି ୫୦୦ ଟ୍ରିପ କଳାମୁଗୁନି ପଥର ଲୁଟିବା ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଲୋକ ତହସିଲରେ ଅଭିଯୋଗ କରିବା ପରେ ମଧ୍ୟ ଚଢ଼ାଉ କି ଧରପଗଡ ହେଉ ନାହିଁ । ବରଂ ପଥର ଖନନକାରୀଙ୍କୁ ଅନୁକମ୍ପା ଦେଖା ଯାଉଛି ବୋଲି ଅଭିଯୋଗ ଉଠିଛି । ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ହେବବୋଲି କଂଗ୍ରେସ ଧମକ ଦେଇଛି ।

ଅଭିଯୋଗ ଅନୁସାରେ ପାଣ୍ଡେରୀପଡା ବଡପୋଖରୀ ଅମୃତ ସରୋବର ଯୋଜନାରେ ସାମିଲ ହୋଇଛି । ଏଥିପାଇଁ କେଉଁ ଯୋଜନାରୁ ଅର୍ଥ ମଞ୍ଜୁର ହୋଇଛି ତେବେ ବ୍ଲକ ପ୍ରଶାସନ ସୂଚନା ଦେଉନି। ଏପରି କି କାମ ଯନ୍ତ୍ର ଦ୍ୱାରା ଆରମ୍ଭ ହୋଇଥିବାବେଳେ କାମର ସ୍ୱଚ୍ଛତା ଓ କେଉଁ ଯୋଜନାରେ କାମ ହେଉଛି ଲୋକ ପ୍ରଶ୍ନ କରିଥିଲେ । ପୁଣି ସୂଚନା ଫଳକ କାହିଁକି ଲଗାଯାଉନି ଅଭିଯୋଗ କରିଥିଲେ । ବ୍ଲକ ପ୍ରଶାସନ ଠାରୁ ଉତ୍ତର ନ ପାଇବାରୁ ସ୍ଥାନୀୟ ଲୋକ ଜିଲାପାଳଙ୍କୁ ଫେରାଦ୍ ହୋଇଥିଲେ। ଲୋକଙ୍କର ଅଭିଯୋଗୁ ୨୫ ଦିନ ପୁରି ଯାଇଥିଲେ ମଧ୍ୟ ପ୍ରଶାସନିକସ୍ତରରେ ତଦନ୍ତ ହୋଇ ନାହିଁ । ଅନ୍ୟପକ୍ଷେ ସେ ସମୟରେ ବିଡିଓ କହିଥିଲେ ଅମୃତ ସରୋବର ପାଇଁ ଗ୍ରାଣ୍ଟ ଇନ୍ ଏଡରୁ ୧୦ ହଜାର ମଞ୍ଜୁର ହୋଇ କାମ ହୋଇଛି । ବିନା ସୂଚନା ଫଳକରେ କାମ କରିବା ଠିକ୍ ନୁହେଁ । ଖୁବ ଶୀଘ୍ର ସୂଚନାଫଳକ ଲଗାଯିବ । ତେବେ ବିଡିଓଙ୍କ ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇ ନାହିଁ। ଏଭଳିସ୍ଥଳେ ପୋଖରୀ ଭିତରେ ଥିବା ଡୁବୁରୀ ମୁଣ୍ଡିଆକୁ ବ୍ଲାଷ୍ଟିଂ କରି ପ୍ରାୟ ୫୦୦ ଟ୍ରିପ କଳାମୁଗୁନି ପଥର ପୋଖରୀ ଭିତରୁ ଲୁଟ୍ ହୋଇ ସାରିଲାଣି । ତେବେ ଏଥିରୁ କିଛି ଟ୍ରିପ ଗାଁ ପାଖ ସ୍କୁଲ ପାଖରେ ଗଦା ହୋଇଛି। ପ୍ରଶ୍ନ ଉଠୁଛି ପୋଖରୀ ଭିତରୁ କଳାମୁଗୁନି ପଥର ଯଦି ବାହାରିଲା ତାକୁ ନିଲାମ କରାଗଲା ନାହିଁ କାହିଁକି । ସରକାର ରାଜସ୍ୱ ପାଇବାକୁ ବ୍ୟବସ୍ଥା ନ କରି କାହିଁକି ପୋଖରୀ ଖନନ କରୁଥିବା ବ୍ୟକ୍ତିଙ୍କୁ ଅନୁକମ୍ପା ଦେଖା ଯାଉଛି । ଯେଉଁ ପଥର ସ୍କୁଲଠାରେ ରଖା ଯାଇଛି ତାକୁ ତହସିଲ ପକ୍ଷରୁ କାହିଁକି ଜବତ କରାଯାଉ ନାହିଁ । ଘଟଣା ସମ୍ପର୍କରେ ଜଣେ ଗାଁ ଲୋକ କହିଛନ୍ତି ପୋଖରୀ କାମ କେଉଁ ଯୋଜନାରେ ହେଉଛି ବ୍ଲକ ପ୍ରଶାସନ ପ୍ରକାଶ କରୁ ନାହିଁ । ପୋଖରୀ ଭିତର ପଥର ନିଲାମ ନ କରି କାହିଁକି ହରିଲୁଟ୍ କରାଯିବ ତା'ର ତଦନ୍ତ ହେଉ । ଯୁବ କଂଗ୍ରେସ ନେତା ଦିଲୀପ ବିଶୋଇ କୁହନ୍ତି, ପୋଖରୀ ଖୋଳାରେ ଅନିୟମିତତା ହୋଇଥିବାବେଳେ ପୋଖରୀ ଭିତର ମୁଣ୍ଡିଆ କାଟି ୫୦୦ ଟ୍ରିପ ପଥର କାହିଁକି ଲୁଟ ହେବ। ଏନେଇ ତହସିଲଦାର ଅନିଲ ଆଚାର୍ଯ୍ୟଙ୍କୁ କହିବା ପରେ ଆରଆଇକୁ କହି ଜବତ କରାଯାଉଛି ବୋଲି କହିଥିଲେ । ହେଲେ ଜବତ କରା ନ ଯିବା ସନ୍ଦେହ ଘେରକୁ ଆସିଛି । କଂଗ୍ରେସ ପୋଖରୀ ଖନନ ଓ ପଥର ଲୁଟ୍ ଘଟଣାକୁ ଗୁରୁତର ସହ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି ।

- ପୋଖରୀ ଭିତରେ ରହିଥିଲା ପାହାଡ଼
- ଅନୁକମ୍ପା ଦେଖାଇ ହେଉନି ଚଢ଼ାଉ
- ବିନା ସୂଚନା ଫଳକରେ ହେଉଥିଲା ପୋଖରୀ ଖନନ

## ସଂକ୍ଷେପରେ

### ଦିଲ୍ଲୀ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ପରେ ବଢ଼ିଲା ଭୟ

**ନୟାଗଡ଼,୧୫।୬ (ଲୋକନାଥ ମିଶ୍ର):** ଦିଲ୍ଲୀ କୋଚିଂସେଣ୍ଟର ଅଗ୍ନିକାଣ୍ଡ ଘଟଣା ପରେ ନୟାଗଡ଼ ଜିଲାର କୋଚିଂ ସେଣ୍ଟରର ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଏପରି ଘଟଣା ନୟାଗଡ଼ରେ ଯେ ନ ଘଟିବ କିଏ କହିବ। ଜିଲାର କେଉଁ ବ୍ଲକ୍‌ରେ କେତେ କୋଚିଂ ସେଣ୍ଟର ଅଛି, କେତେ ପିଲା ପାଠ ପଢୁଛନ୍ତି, କେଉଁ ସମୟରେ ପାଠ ପଢ଼ା ହେଉଛି, ଏହାର ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା କିପରି ଅଛି, ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ ଅଛି କି ନାହିଁ, କେତେ ଟଙ୍କା ସେମାନେ ନେଉଛନ୍ତି ତା'ର କୌଣସି ତଥ୍ୟ ସରକାରଙ୍କ ପାଖରେ ନାହିଁ। ଏଣୁ ଏହାର ତୁରନ୍ତ ତଦନ୍ତ କରି ଦଶଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରାଯାଉ ବୋଲି ଅଭିଭାବକମାନେ ମତ ଦେଇଛନ୍ତି। ଦେଶ ଭବିଷ୍ୟତମାନଙ୍କୁ ଏପରି ଦାୟିତ୍ୱହୀନ ଭାବେ ଛାଡି ଆମେ ଅସୁରକ୍ଷିତ ହେବା ଠିକ ନୁହେଁ।ଏଣୁ ତୁରନ୍ତ କୋଚିଂ ସେଣ୍ଟରଗୁଡିକୁ ସମସ୍ତ ତଥ୍ୟ ସହିତ ତାଲିକାଭୁକ୍ତ କରାଯାଉ ବୋଲି ଦାବି ଉଠିଛି। ଏନେଇ ଓଡିଶା ଅଭିଭାବକ ମହାସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀଙ୍କୁ ପଚାରିବାରୁ କହିଥିଲେ ଜିଲା କ'ଣ ଏହା ରାଜ୍ୟର ସମସ୍ୟା । କେଉଁ ଜିଲାରେ କେତେ କୋଚିଂ ସେଣ୍ଟର ଅଛି ସରକାର ଜାଣି ନାହାନ୍ତି। ଏବେ ଠାରୁ ପଦକ୍ଷେପ ନ ନେଲେ ପରିସ୍ଥିତି ଗୁରୁତର ହେବାର ଆଶଙ୍କା ପ୍ରକାଶ ପାଇଛି ।

### କଥା ଓ ବ୍ୟଥା ଲୋକାର୍ପିତ

**ପାରଳାଖେମୁଣ୍ଡି,୧୫।୬ (ଗିରିଧାରୀ ପରିଛା):** ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଗୁରୁବାର ଦରଦି କବି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ କବିତା ପସରା 'କଥା ଓ ବ୍ୟଥା' ମୁଖ୍ୟ ଅତିଥି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। କବିତାଟିରେ ସେ ସାମ୍ପ୍ରତିକ ଯୁଗ ଚେତନା ପାଇଁ ଏକ ବହ୍ନି ଶିଖା ସମାଜ ପାଇଁ ବାଣ୍ଟିଛନ୍ତି ବୋଲି ବକ୍ତାମାନେ କହିଥିଲେ। ସମସ୍ତ କବିତା ଗୁଡ଼ିକୁ ଅଧାପକ ସୌଦାଗର ସିଓ ସମୀକ୍ଷା କରିଥିଲେ। ଶେଷରେ ଡାଇଟ୍‌ର ଅଧକ୍ଷ ଡାକ୍ତର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଉଣୀଙ୍କୁ ବଳାତ୍କାର ଅଭିଯୋଗ, ସମ୍ପର୍କୀୟ ଭାଇ ଜେଲଗଲେ

ନୟାଗଡ଼,୧୫।୬ (ଲୋକନାଥ ମିଶ୍ର)

ନାବାଳିକା ଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ଶରଣକୁଳ ଥାନା ଅଞ୍ଚଳର ଜଣେ ୧୪ ବର୍ଷର ନାବାଳିକା ଦଶମ ଶ୍ରେଣୀରେ ପାଠ ପଢ଼ନ୍ତି । ଦାଦା ଝିଅ ଭଉଣୀ ପ୍ରତି ବଡ ବାପା ପୁଅ ଭାଇ ଆକର୍ଷିତ ହୋଇ ତାଙ୍କୁ ପ୍ରତ୍ୟହ ବଳାତ୍କାର କରିଥିଲେ । ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ ବାରମ୍ବାର ଧମକାଇ ଥିଲେ । ଏଭଳି କିଛି ମାସ ଚାଲିବା ପରେ ଭଉଣୀ ସାଢ଼େ ୪ମାସର ଗର୍ଭବତୀ ହୋଇଥିଲେ । ହେଲେ ଏଭଳି ଘଟଣା ଜଣା ପଡୁ ନ ଥିଲା । ୪ ଦିନ ତଳେ ଟିଉଶନରେ ନାବାଳିକା ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଥିଲେ। ନାବାଳିକାଙ୍କୁ ପ୍ରଥମେ ମଗରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ରୋଗର କାରଣ ଡାକ୍ତର ଜାଣି ନ ପାରି ରକ୍ତ ଅଭାବରୁ ଏମିତି ହୁଏ କହି ଔଷଧ ଲେଖି ଘରକୁ ପଠାଇ ଦେଇଥିଲେ । ତେବେ ଅସୁସ୍ଥତା କମିବା ବଦଳରେ ବଢ଼ି ଚାଲିବାରୁ ପରିବାର ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ପୁଣି ଔଷଧ ଲେଖି ଘରକୁ ପଠାଇ ଦେଇଥିଲେ। ନାବାଳିକାଙ୍କ ରୋଗ ଭଲ ନ ହେବାରୁ ପୁଣି ଡାକ୍ତରଙ୍କୁ ଦେଖାଇ ବିଭିନ୍ନ ପରୀକ୍ଷା କରାଯାଇଥିଲା। ରିପୋର୍ଟରେ ନାବାଳିକା ସାଢ଼େ ୪ମାସର ଗର୍ଭବତୀ ଥିବା ଜଣାପଡିଥିଲା । ଘଟଣା ସମ୍ପର୍କରେ ଡାକ୍ତର ପଚାରିବାରେ ଝିଅ ସତ କଥା କହିଥିଲେ। ବଡ଼ବାପା ପୁଅ ଭାଇ ଘରେ ଥିବାବେଳେ ଜୋର ଜବରଦସ୍ତ ବଳାତ୍କାର କରୁଥିଲେ ବୋଲି ପରିବାର ଲୋକଙ୍କୁ ଝିଅଟି କହିଥିଲେ। ଏନେଇ ପରିବାରରେ ପାଟିତୁଣ୍ଡ ହେବା ପରେ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରାଯାଇଥିଲା । ଅଭିଯୁକ୍ତ ଭାଇର ବାପା ଶାସକ ଦଳର ସ୍ଥାନୀୟ ନେତା ଓ ମା'ଜଣେ ଶିକ୍ଷୟିତ୍ରୀ ହୋଇଥିବାରୁ ବଦନାମର ଆଳ ଦେଖାଇ ଘଟଣାକୁ ଚାବି ଦେବାକୁ ଚେଷ୍ଟା କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ୯୬/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏପରି କି ଅଭିଯୁକ୍ତଙ୍କୁ ଗିରଫ କରି ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା।

# ଗୁଳିମାଡ଼ ଘଟଣାରେ ଯୁବକ ଗିରଫ

ଫୁଲବାଣୀ, ୧୫।୬ (ରାକେଶ ରାଉତ)

ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଡାକପାଲା ଅଞ୍ଚଳରେ ହୋଇଥିବା ଗୁଳିମାଡ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେ ହେଲେ ଦ୍ୱିଜବର ବିନ୍ଧାଣୀ । ପୂର୍ବ ଶତ୍ରୁତା ଏବଂ ଗୁଣିଗାରେଡିକୁ ସନ୍ଦେହ କରି ଏହି ଘଟଣା ଉପୁଜିଛି ବୋଲି ଫୁଲବାଣୀ ସଦର ଏସ୍‌ଡିପିଓ ସୁପ୍ରଶନ ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦ୍ୱିଜବରଙ୍କଠାରୁ ଏକ ହାତ ତିଆରି ବନ୍ଧୁକ ଜବତ କରାଯାଇଛି । ଗତ ୧୩ ତାରିଖରେ ଡାକପାଲା ପଦରସାହିର ଅଜିତ ପ୍ରଧାନଙ୍କୁ ଦ୍ୱିଜବର ଏକ ବନ୍ଧୁକରୁ ଗୁଳି କରିଥିଲେ । ଅଜିତଙ୍କୁ ଗୁରତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ଅଣା ଯାଇଥିଲା । ସେଠାରୁ ତାଙ୍କୁ ବ୍ରହ୍ମପୁର ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଜିତଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁସାରେ, ଅଜିତଙ୍କ ମା' ଛେଳି ରଖିଥିଲେ। ଦ୍ୱିଜବର ଛେଳିକୁ ଗୁଳି କରି ମାରି ଦେଉଥିବା ଅଜିତଙ୍କ ମା' କହିବାରୁ ଦ୍ୱିଜବର ତାଙ୍କୁ ଗାଳି ଗୁଲଜ କରିଥିଲେ।

# ଆବାସ ଯୋଜନାରୁ ବାଦ୍ ପଡ଼ିଛନ୍ତି ପ୍ରକୃତ ହିତାଧିକାରୀ

ନୂଆଗାଁ,୧୪।୬ (ଧନେଶ୍ୱର ସାହୁ)



ନବୀନଙ୍କ ଭଙ୍ଗା ଟାଇଲ ଘର।

ଆବାସ ଯୋଜନା ମାଧ୍ୟମରେ କଚ୍ଚାଘରେ ରହୁଥିବା ପରିବାରକୁ ପକ୍କାଘରଟିଏ ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇ ପ୍ରକୃତ ହିତାଧିକାରୀଙ୍କୁ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ନ ଥିଲେ ମଧ୍ୟ ସରକାରଙ୍କ ଆବାସ ଯୋଜନାରୁ ବାଦ୍ ପଡିଛନ୍ତି ଗରିବ ଲୋକ । ଏପରି ଅଭିଯୋଗ ଆସିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବଡଗୋଠ ପଞ୍ଚାୟତ ଡିମିରିଝରି ଗ୍ରାମରୁ ।

ନୂଆଗାଁ ବ୍ଲକ ବଡଗୋଠ ପଞ୍ଚାୟତ ଡିମିରିଝରି ଗ୍ରାମର ନବୀନ ନାୟକ ଭୁବନେଶ୍ୱରରେ ଗାଡି ଚଳାଇ ରୋଜଗାର କରୁଥିବା ବେଳେ ଗାଁରେ ସ୍ତ୍ରୀ ଓ ଦୁଇ ପୁଅ ରହୁଛନ୍ତି । ନବୀନ ଓ ସତ୍ୟବାଦୀ ନେତ୍ର ନାୟକଙ୍କ ଦୁଇ ପୁଅ । ବାପ ସମ୍ପତ୍ତିକୁ ଭାଗବଣ୍ଟା କରିବା ପରେ ସତ୍ୟବାଦୀ ଦାଣ୍ଡପଟେ ଘର କରି ରହୁଛନ୍ତି ଓ ନବୀନ ବାପାଙ୍କ ବାଡିପଟେ ଥିବା ପୁରୁଣା ଟାଇଲ ଛପର ଘରେ ରହୁଛନ୍ତି। ନବୀନ ପେସାରେ ଡ୍ରାଇଭର ହୋଇଥିବାରୁ ଭୁବନେଶ୍ୱରରେ ରହି ଗାଡି ଚଳାଇ ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି । ସେଥିରେ ପୁଣି ୨ ପୁଅଙ୍କ ପାଠପଢା ଖର୍ଚ୍ଚ । ଏସବୁ ଜଞ୍ଜାଳ ଭିତରେ ନୂଆ ଘର କରିବା ତ ଦୂରର କଥା ବାପାଙ୍କ ଅମଳର ପୁରୁଣା ଟାଇଲ ଛପର ଘରକୁ ମରାମତି କରିବା ପାଇଁ ମଧ୍ୟ ସେ ଅସମର୍ଥ । ଯାହାଫଳରେ ଟାଇଲ ଘରେ ବ୍ୟବହାର ହୋଇଥିବା କାଠ ସବୁ ଖସି ପଡିଲାଣି । ଫଳରେ ଟାଇଲ ସବୁ ଖସି ଘର ଭିତରେ ଦିନରେ ସୂର୍ଯ୍ୟକିରଣ ଓ ରାତିରେ ଚନ୍ଦ୍ର ଦେଖା ଯାଉଛି । ଘରର କାନ୍ଥ ଫାଟି ଆଁ କଲାଣି । ଏପରିସ୍ଥିତିରେ ରାତିରେ ଘରେ ଶୋଇଥିବା ବେଳେ କେତେବେଳେ ଯେ ଅଘଟଣ ନ ଘଟିବ ତାହା କିଏ କହିବ । ସରକାରଙ୍କ ଆବାସ ଯୋଜନାରେ ଘରଟିଏ ପାଇଁ ଆବେଦନ କଲେ ମଧ୍ୟ ତାଙ୍କୁ ମିଳୁ ନାହିଁ । ଘରର ଏପରି ସ୍ଥିତି ଦେଖି ବଡଗୋଠ ସମିତି ସଭ୍ୟାଙ୍କ ପ୍ରତିନିଧି ସନ୍ତୋଷ ନାୟକ ନୂଆଗାଁ ବ୍ଲକ ତତ୍କାଳୀନ ବିଡିଓଙ୍କୁ ଅଭିଯୋଗ କରିବାରେ ବିଡିଓ ପ୍ରମୋଦ କୁମାର ନାୟକ ନବୀନଙ୍କ ଘରକୁ ଯିବାରେ ସେ ଘର ପାଇବା ପାଇଁ ହକ୍‌ଦାର ବୋଲି କହିଥିଲେ । କିନ୍ତୁ ବିଡିଓ ନାୟକ ଅନ୍ୟତ୍ର ବଦଳି ହୋଇ ଯିବାରେ ଆବାସ ଯୋଜନାରୁ ତାଙ୍କ ନାମକୁ କାଟି ଦିଆଯାଇଥିବା କହିଛନ୍ତି ନବୀନ । ଏ ବାବଦରେ ସମିତିସଭ୍ୟାଙ୍କ ପ୍ରତିନିଧି ନାୟକ ପୁନର୍ବାର ବର୍ତ୍ତମାନର ନୂଆଗାଁ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ତେବେ ଲିଖିତ ଅଭିଯୋଗ ପାଇଲେ ସ୍ୱତନ୍ତ୍ର ଟିମ୍ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ।

## ଭଙ୍ଗା ଟାଇଲ ଘରେ ନବୀନଙ୍କ ପରିବାର

# ସେମିଫାଇନାଲରେ ଇଲେଭେନ ଏମ୍ପାରାର, ଜୟ ଶିବା

ଓଡ଼ଗାଁ,୧୫।୬ (ଆଦର୍ଶ କୁମାର ପଟ୍ଟନାୟକ)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୁଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ୧୪ ତମ ଓଡ଼ଗାଁ କ୍ରିକେଟ୍ ଲିଗ୍‌ର ଗୁରୁବାର ଷଷ୍ଠ ଦିବସରେ ଗୋଟିଏ ମ୍ୟାଚ୍ ଓ ୨ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ବିଜୟୀ ହୋଇଥିବା ବେଳେ ଇଲେଭେନ ଏମ୍ପାରାର ଓ ଜୟ ଶିବା ବିଜୟୀ ହେବା ସହିତ ୩ ଓ ୪ର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ମ୍ୟାଚ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ଓ ଜୟ ଶ୍ରୀରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୟ ଶ୍ରୀରାମ ଟସ୍ ଜିତିଥିବା ବେଳେ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୪୭ ରନ ହାସଲ କରିଥିଲା । ଜବାବରେ ଜୟ ଶ୍ରୀରାମ ସମସ୍ତ ଓଭରରେ ୯ ଉଇକେଟ ବିନିମୟରେ ୯୮ ରନ କରିଥିବା ବେଳେ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ୪୯ ରନରେ ବିଜୟୀ ହୋଇଥିଲା। ଦଳର ତିଲକ ୨୯ ବଲ ସହାୟତାରେ ଧୂଆଁଧାର ୯ ଛକା ଓ ୬ ଚୌକା ମାରି ସର୍ବାଧିକ ୮୮ ରନ ଓ ୩ ଉଇକେଟ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ଟାଇଟେଲ ହାସଲ କରିଥିଲେ । ସେହିପରି ୨ୟ ମ୍ୟାଚ ତଥା ଦିବସର ୧ମ କ୍ୱାର୍ଟର ଫାଇନାଲ ମ୍ୟାଚ ଇଲେଭେନ ଏମ୍ପାରାର ଓ ସ୍ମାଇଲ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ମାଇଲ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ସମସ୍ତ ୧୨ ଓଭରରେ ୮ ଉଇକେଟ ହରାଇ ୯୦ ରନ ହାସଲ କରିଥିଲା । ଜବାବରେ ପ୍ରତିପକ୍ଷ ଇଲେଭେନ ଏମ୍ପାରାର ୮ ଓଭର ଓ ୪ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୯୧ ରନ ହାସଲ କରି ୬ ଉଇକେଟରେ ବିଜୟୀ ହେବା ସହିତ ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଦୀପ ନାୟକ ୯ ବଲ ସହାୟତାରେ ଆକର୍ଷଣୀୟ ୪ ଛକା ଓ ୨ ଚୌକା ମାରି ଓ ୨ ଓଭରରେ ୧ ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଏହି ଦିବସର ଅନ୍ତିମ ତଥା ୨ୟ କ୍ୱାଟର ଫାଇନାଲ ମ୍ୟାଚ ଜୟ ଶିବା ଓ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୟ ଶିବା ପ୍ରଥମେ ବ୍ୟାଟି ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୨୨ ରନ ହାସଲ କରିଥିଲା । ଜବାବରେ ୱାରକେଟ ଟ୍ୟାଙ୍ଗସାଇନ ରୟାଲ ସମସ୍ତ ୧୨ ଓଭର ଶେଷରେ ୬ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା । ଫଳରେ ଜୟ ଶିବା ୫ ରନରେ ବିଜୟୀ ହେବା ସହିତ ୪ର୍ଥ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ଏହି ଦଳର ଧରମା ୪ ବଲରେ ୪ ରନ ସଂଗ୍ରହ କରିବା ସହିତ ୨ ଓଭରରେ ୩ ଉଇକେଟ ହାସଲ କରି ଦଳକୁ ବିଜୟୀ କରିବା ସହାୟତା କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଅନ୍ୟପକ୍ଷେ ପ୍ରତିପକ୍ଷ ଦଳର ତିଳକ ତଥା ୧ମ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ୨୮ ବଲରେ ଆକର୍ଷଣୀୟ ୫୫ ରନ ସଂଗ୍ରହ କରି ଉତ୍ତମ ଖେଳ ପ୍ରଦର୍ଶକ ଆଖ୍ୟା ହାସଲ କରିଥିଲେ । ମହମ୍ମଦ ଆକବର, ପ୍ରମୋଦ, ମିଥୁନ, ଶାଶ୍ୱତ, ଅମିତ, କିଷନ, ଗୁଲୁ, ଚନ୍ଦନ, ବାଦଲ, ଦିଗବିଜୟ ଓ ଲକି ସମସ୍ତ ମ୍ୟାଚ ପରିଚାଳନା କରିଥିଲେ । । ରାମଜନ୍ମ ସେବା ସଦନ ପକ୍ଷରୁ ମାନସ ସାହୁ ସମସ୍ତ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆସୋସିଏଶନ ସମ୍ପାଦକ ଦିବକାର ନାୟକଙ୍କ ଦ୍ୱାରା ଓସିଲ ପରିଚାଳନା ହୋଇଥିଲା।

## ୧୪ତମ ଓଡ଼ଗାଁ କ୍ରିକେଟ ଲିଗ୍



ନୂଆଗାଁ ବ୍ଲକଛକରେ ଥିବା ଏକ ଜଳଖିଆ ଦୋକାନର ଡଷ୍ଟବିନରୁ ଜଣେ ବ୍ୟକ୍ତି ଅଇଁଠା ଖାଦ୍ୟ ଖାଇ ଭୋକ ମେଣ୍ଟାଉଛନ୍ତି ।



ନୟାଗଡ଼ ଜିଲା ଇଟାମାଟିରେ ୩ ସାଙ୍ଗ ରଜଦୋଳିରେ ଝୁଲି ମଜା ନେଉଛନ୍ତି ।



ଦଶପଲ୍ଲାର ଏକ ଜଙ୍ଗଲରୁ ଦୁଡିକିପାଡୁ ଗାଁର ଜଣେ ଆଦିବାସୀ ମହିଳା ଶାଳ ପତ୍ର ସଂଗ୍ରହ କରୁଛନ୍ତି ।

# ରଜରେ ପୂଜା ପାଆନ୍ତି ମୁଣ୍ଡ ନ ଥିବା ଗୋପୀନାଥ

କେନ୍ଦ୍ରାପଡ଼ା, ୧୫।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ତଳବାରଙ୍ଗସ୍ଥିତ ମୁଣ୍ଡକଟା ଗୋପୀନାଥଙ୍କ ୩ ଦିନିଆ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଭଜନ କୀର୍ତ୍ତନ ସହ ପୂଜା ଆରାଧନାରେ ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଠାକାର ବିଶେଷତ୍ୱ ହେଉଛି, ମୁଣ୍ଡ ନ ଥିବା ଗୋପୀନାଥ ବର୍ଷସାରା ପୂଜା ପାଉଛନ୍ତି। ମାତ୍ର ପହିଲି ରଜଠାରୁ ଶେଷ ରଜ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ମୁଣ୍ଡ ତିଆରି କରାଯାଇ ପୂଜା କରାଯାଇଥାଏ। ଶ୍ରୀଜୀଉଙ୍କ ନିକଟରେ ପୂଜା ପାଉଥିବା ଶ୍ରୀବଳରାମ ଜୀଉ ଓ ଗ୍ରାମଦେବତୀ ବଟେଶ୍ୱରୀ ଏହି ଦିନ ମଧ୍ୟ ମୁଣ୍ଡକଟା ଅବସ୍ଥାରେ ପୂଜା ପାଇଥାନ୍ତି।

ସହରର ନୂଆ ବସ୍‌ଷ୍ଟାଣ୍ଡଠାରୁ ମୁଣ୍ଡକଟା ଗୋପୀନାଥ ପୀଠ ୪ କିମି ଦୂର ହୋଇଥିବା ବେଳେ ଇଚ୍ଛାପୁରସ୍ଥ ଶ୍ରୀବଳଦେବ ଜୀଉଙ୍କ ମନ୍ଦିରଠାରୁ ମାତ୍ର ୨ କିମି ଦୂରରେ ଏହି ପୀଠ ଅବସ୍ଥିତ। ସ୍ଥାନୀୟ ଅଞ୍ଚଳର ଇତିହାସ ଅନୁସାରେ, ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଶ୍ରୀବଳଦେବ ଜୀଉଙ୍କର ମନ୍ଦିର ଥିଲା। ୧୬୬୩ ମସିହାରେ ମୋଗଲ ଶାସକ ଔରଙ୍ଗଜେବଙ୍କ ଖାନ ଇ ଦୌରାନ ୧୨୨୦ରେ ନିର୍ମିତ ଏହି ପୁରୁଣା ମନ୍ଦିରକୁ ନଷ୍ଟ କରିଥିଲେ। ତତ୍କାଳୀନ ସମୟରେ ଶ୍ରୀଜୀଉଙ୍କୁ ସେବାୟତମାନେ ସଖୀବଟଠାରେ ଗୁପ୍ତରେ ରଖିଥିଲେ। ମନ୍ଦିରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କୁ ନ ପାଇ ଚଳନ୍ତି ପ୍ରତିମା ଶ୍ରୀଗୋପୀନାଥ ଜୀଉ, ଶ୍ରୀବଳରାମ ଜୀଉ ଓ ବଟେଶ୍ୱରୀଙ୍କ ମୁଣ୍ଡ କାଟି ଫୋପାଡି ଦେଇଥିଲେ। ଏହି ପ୍ରତିମାଗୁଡ଼ିକ କାଳକ୍ରମେ ତଳବାରଙ୍ଗ ପୀଠରେ ପୂଜା ପାଇଆସୁଛନ୍ତି। ପହିଲି ରଜରେ ଶ୍ରୀଜୀଉଙ୍କ ଅଙ୍ଗସୌଷ୍ଟବକୁ ପୂର୍ଣ୍ଣାଙ୍ଗ କରାଯାଏ। ଶ୍ରୀଜୀଉଙ୍କ କାନ୍ଧ ଉପରେ ଚନ୍ଦନ, ଅଗୁରୁ, କହ୍ଲାର, ମଲ୍ଲୀକଢ଼ ଓ ତରାଟ କଢ଼ରେ ମୁଣ୍ଡ ଓ ମୁଖମଣ୍ଡଳ ତିଆରି କରାଯାଇଥାଏ। ମସ୍ତକରେ ରୁପା ଛତ୍ରୀ ଓ ସ୍ୱର୍ଣ୍ଣ ଚିତା ସହ ହାତରେ ରୁପା ବଂଶୀ ଶ୍ରୀଜୀଉଙ୍କୁ ପୂର୍ଣ୍ଣାଙ୍ଗ କରିଥାଏ। ସନ୍ଧ୍ୟା ସମୟରେ ଶ୍ରୀଜୀଉଙ୍କ ପାଇଁ ସ୍ୱତନ୍ତ୍ର ଭୋଗ, ପଣା ଓ ଫଳ ଅର୍ପଣ ହୁଏ। ଅପରପକ୍ଷରେ ଭଗ୍ନ ମୂର୍ତ୍ତି ପୂଜନ ବର୍ଜନୀୟ। ମାତ୍ର ଏଠାରେ ଶତାଧିକ ବର୍ଷ ଧରି ମୁଣ୍ଡକଟା ଗୋପୀନାଥଙ୍କର ପୂଜାର୍ଚ୍ଚନା କରାଯାଉଛି।

## ମୁଣ୍ଡକଟା ଗୋପୀନାଥ ପୀଠର ଅନନ୍ୟ ପରମ୍ପରା



ରଜରେ କଟା ମୁଣ୍ଡା ଗୋପୀନାଥଙ୍କ ମାଟିରେ ତିଆରି ମୁଣ୍ଡ ଲାଗି ପୂଜାର୍ଚ୍ଚନା କରାଯାଉଛି।

ଏ ସମ୍ପର୍କରେ ପଣ୍ଡିତ ହୃଷୀକେଶ ରଥ କୁହନ୍ତି, ବେଦରେ ମୂର୍ତ୍ତି ପୂଜନ ବ୍ୟବସ୍ଥା ନ ଥିଲା। ଶ୍ରଦ୍ଧାଳୁଙ୍କ ଏକ ସକାରାତ୍ମକ ଚିନ୍ତାଧାରା ପ୍ରକାଶ ପାଇଁ ମୂର୍ତ୍ତିର ଆବଶ୍ୟକତା ଦେଖାଦେଲା। ହିନ୍ଦୁ ସଂସ୍କୃତି ଓ ପରମ୍ପରା ଅନୁଯାୟୀ, ବହୁ ଗ୍ରାମରେ ସମ୍ପୂର୍ଣ୍ଣ ଅବୟବ ନ ଥାଇ ପଥରକୁ ଗ୍ରାମଦେବତୀ ଭାବେ ପୂଜା କରାଯାଉଛି। ଯେଉଁଥିରେ ଶ୍ରଦ୍ଧାଳୁ ଭଗବତ ଦର୍ଶନ ପାଉଛନ୍ତି। ରାଜସ୍ଥାନର ଖାଟୁଶ୍ୟାମରେ ବେଲାଳସେନଙ୍କ କଟାମୁଣ୍ଡ ମୂର୍ତ୍ତି ପୂଜା ପାଉଛି। ଅବୟବ ନୁହେଁ, ସକାରାତ୍ମକ ଚିନ୍ତାଧାରା ମନରେ ଉଦ୍ରେକ ପାଇଁ ମୂର୍ତ୍ତି ପୂଜାର ଆରମ୍ଭ ହୋଇଛି। ପୂଜକ ମହେଶ୍ୱର ପତି କହିଛନ୍ତି, ଶ୍ରୀଜୀଉଙ୍କ ମୂର୍ତ୍ତିରେ ଅଷ୍ଟସଖୀଙ୍କ ଅବୟବ ଥିବା ବେଳେ ନିମ୍ନରେ ଗୋଚାରଣ ଦୃଶ୍ୟ ଅଛି। ସେହିପରି ଶ୍ରୀବଳରାମ ଓ ବଟେଶ୍ୱରୀଙ୍କ ବେକଠାରୁ ନିମ୍ନ ପର୍ଯ୍ୟନ୍ତ ସୁରକ୍ଷିତ ଅଛି। ମନ୍ଦିର ପରିଚାଳନା ସମ୍ପର୍କରେ ସେ କୁହନ୍ତି, ମନ୍ଦିରର ନିଜସ୍ୱ ସମ୍ପତ୍ତି ଖୁବ୍‌କମ। ଗ୍ରାମର ୨ ପରିବାର ଏହାର ପୂଜା ପରିଚାଳନା ପାଇଁ ପୂର୍ବରୁ ବିଧି ବ୍ୟବସ୍ଥା ଥିବାବେଳେ ଏବେ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି। ସେହିପରି ଶ୍ରୀବଳଦେବ ଜୀଉଙ୍କ ଦେବୋତ୍ତର ସଂସ୍ଥା ଅଧୀନରେ ଏହି ମନ୍ଦିର ଥିଲା। ଏହାର ପରିଚାଳନା ପାଇଁ କଠା (ଅନ୍ନପ୍ରସାଦ ପାଇଁ ଆନୁଷଙ୍ଗିକ ସାମଗ୍ରୀ) ବ୍ୟବସ୍ଥା ଥିଲା । କୌଣସି କାରଣରୁ ଏହା ବହୁଦିନ ବନ୍ଦ ପରେ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ କଠା ବ୍ୟବସ୍ଥା ପୁନର୍ବାର ଆରମ୍ଭ ହୋଇଛି। ଶ୍ରୀଜୀଉଙ୍କ ସମ୍ପର୍କରେ ବିଶଦ ଗବେଷଣା ହୋଇ ନ ଥିବାରୁ ଏହାର ପ୍ରଚାର ପ୍ରସାର ହୋଇ ପାରୁ ନ ଥିବା ଶ୍ରୀଜଗନ୍ନାଥ ଚେତନା ସମିତିର କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ଅକ୍ଷୟ କୁମାର ପାଣି ମତ ଦେଇଛନ୍ତି।

# ଡେରାବିଶରେ ଜମୁଛି ରଜପର୍ବ



ଡେରାବିଶରେ ଛୋଟ ପିଲା ଓ ଯୁବତୀମାନେ ଦୋଳି ଖେଳୁଛନ୍ତି।

ଡେରାବିଶ, ୧୫।୬ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ କୃଷିଭିତ୍ତିକ ଗଣପର୍ବ ରଜ ବୁଧବାରଠାରୁ ପାଳନ ହେଉଛି। ବିଭିନ୍ନ ଗାଁରେ ତାସ ଖେଳର ଆସର ଜମିଥିବା ବେଳେ ଦୋଳିର ମଜା ନେଉଛନ୍ତି ଯୁବତୀ ଓ ଛୋଟ ପିଲା। ଏଥିସହ ରଜ ୩ଦିନ ଉପଲକ୍ଷେ ବ୍ଲକ ଅଧୀନ ବାଲିଆ ଓ ମୁକୁନ୍ଦପୁର ପଞ୍ଚାୟତ ଡାବଳଠାରେ ପାଲା ଅନୁଷ୍ଠିତ ହେଉଛି। ସେହିପରି ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହେଉଥିବା ବେଳେ ବିଭିନ୍ନ ମଠ ମନ୍ଦିରରେ ଭଜନ ସଂକୀର୍ତ୍ତନରେ ଅଞ୍ଚଳବାସୀ ମଜ୍ଜି ରହିଛନ୍ତି। ଘରେ ଘରେ ମହିଳାଙ୍କ ପିଠାପଣା ସାଙ୍ଗକୁ ରଜପାନ ଭଙ୍ଗା ଦେଖିବାକୁ ମିଳିଛି। ତେବେ ପଲ୍ଲୀ ରଘୁନାଥପୁର ଗ୍ରାମର ଜଣେ ଗୃହିଣୀ ଶ୍ରୀୟା ରାୟ କହିଛନ୍ତି, ପିଲାବେଳେ ମନରେ ଉଦ୍‌ବେଳନ ଥାଏ, କିପରି ରଜ ଆସିବ। ପୂର୍ବଦିନ ରାତି ୩ଟାରୁ ଉଠି ନୂତନ ବସ୍ତ୍ର ପିନ୍ଧିବା ସହ ଆମକୁ ସଜବାଜ କରି ଦେଇଥାନ୍ତି ଆମ ମା' ଓ ଜେଜେମା'। ରଜ ୩ ଦିନ ଗୋଡ଼ରେ ଚପଲ ନ ପିନ୍ଧି କଦଳୀ ପଟୁଆ ଚପଲ ପିନ୍ଧି ରଜ ମନେଇ ଥାଉ। ମାତ୍ର ସମୟର ପରିବର୍ତ୍ତନ ହୋଇଛି। ପୂର୍ବର ସେହି ରଜ ତା'ର ମୌଳିକତା ହରାଇବାକୁ ବସିଲାଣି। ତେବେ ସେଦିନ ଓ ବର୍ତ୍ତମାନ ମଧ୍ୟରେ ରଜ ଉତ୍ସବର ତାରତମ୍ୟ ଥିଲେ ମଧ୍ୟ ରଜପାନ ଭଙ୍ଗା ପରମ୍ପରା ଏବଂ ଲୁଡୁ ଓ ତାସ ଖେଳକୁ ଆମେ ଭୁଲି ନାହୁଁ। ଅପରପକ୍ଷରେ ଲକ୍ଷ୍ମୀନାରାୟଣପୁର ଗାଁର ବ୍ରହ୍ମାନନ୍ଦ ସିଂ କହିଛନ୍ତି, ରଜ ଏକ ଭାଇଚାରା ପର୍ବର ନିଦର୍ଶନ। ଯୁବକ ଅବସ୍ଥାରେ ଗାଁ ଦାଣ୍ଡରେ ହେଉଥିବା ବାଗୁଡ଼ି ଖେଳ ଆମର ଏକ ସ୍ମୃତିର ଆଇନା ଭାବେ ରହିଯାଇଛି। ରଜ ଆସିଲେ ଗାଁଟି ଉତ୍ସବମୁଖର ହୋଇଯାଏ। ବାହାରେ ରହୁଥିବା ସାଙ୍ଗମାନେ ରଜ ପାଇଁ ଗାଁକୁ ଆସି ପହଞ୍ଚିବା ପରେ ଆମେ ସମସ୍ତେ ଏକାଠି ହୋଇ ପାରମ୍ପରିକ ରଜ ପରମ୍ପରାକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା, ବୟସ୍କ ବ୍ୟକ୍ତିଙ୍କୁ ନିଜର ଭକ୍ତି ପ୍ରଦର୍ଶନ କରିବା ଆମର ମୁଖ୍ୟ କାର୍ଯ୍ୟ ରହିଥିଲା। ତେବେ ୩ଦିନ ଧରି ବାଗୁଡ଼ି ଖେଳଠାରୁ ଆରମ୍ଭ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟରେ ସମସ୍ତେ ମସଗୁଲ ରହୁଥିଲୁ। ସବୁଠାରୁ ଦୁଃଖ ଥିଲା ଶେଷ ରଜର ପରଦିନ। ଯେଉଁଦିନ ବାହାରୁ ଆସିଥିବା ସାଙ୍ଗମାନେ ଫେରି ଯାଉଥିଲେ ନିଜ ସ୍ଥାନକୁ। ବର୍ତ୍ତମାନ ଆଧୁନିକ ଚାକଚକ୍ୟ ମଧ୍ୟରେ ରଜ ତା'ର ଅସ୍ତିତ୍ୱ ହରାଇବା ସହ ପୂର୍ବର ପାରମ୍ପରିକ କାର୍ଯ୍ୟକ୍ରମ ନ ଥିବାରୁ ରଜ ମଉଜ ଯେପରି ଖାଁ ଖାଁ ଲାଗୁଛି। ଚଳିତବର୍ଷ ରଜରେ ଯଅଁରାବାଗିମୂଳ ପଞ୍ଚାୟତ ଅର୍ତ୍ତାମୂଳଠାରେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ରଜ ଉତ୍ସବରେ ପ୍ରତ୍ୟେକ ଦିନ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଆଗ୍ରହ ଦେଖିବାକୁ ମିଳୁଛି।

# 'ତନିସ୍କ'ରେ ପୁରୁଣା ସୁନା ଗହଣା ବଦଳରେ ଆକର୍ଷଣୀୟ ଅଫର

ଯାଜପୁରରୋଡ୍, ୧୫।୬
(ପବିତ୍ର ରଞ୍ଜନ ମହାନ୍ତି)

ଟାଟା ଗ୍ରୁପ୍‌ର ତନିସ୍କ ଜୁଏଲର୍ସ ଯାଜପୁରରୋଡ୍ ଶାଖାରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଅଫର ରହିଛି। ବିଶେଷକରି ଓଡ଼ିଆମାନଙ୍କ ବଡ଼ ପର୍ବ ରଜ ଓ ରଥଯାତ୍ରାକୁ ନେଇ ଗତ ୧ ତାରିଖରୁ ଜାରି ରହିଛି ପୁରୁଣା ସୁନା ବଦଳ ସ୍କିମ୍। ଏହି ଅଫର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଅବସରରେ ୨୦ରୁ ଅଧିକ କ୍ୟାରେଟ ପୁରୁଣା ସୁନା ଗହଣା ବଦଳ କଲେ ୧୦୦ ପ୍ରତିଶତ ବିନିମୟ ମୂଲ୍ୟ ସାଙ୍ଗକୁ ୨୦ ପ୍ରତିଶତ ଗଢ଼ା ମଜୁରିରେ ରିହାତି ମିଳୁଛି। ସେହିଭଳି ୨୦ରୁ କମ୍ କ୍ୟାରେଟ ସୁନା ଗହଣାରେ ୯ ପ୍ରତିଶତ କାଟ କରାଯାଉଛି। ଗ୍ରାହକମାନଙ୍କ ପାଇଁ ସୁନା ଗହଣା କ୍ରୟ ଉପରେ ସୁନା ଏବଂ ରୁପା କଏନ ଅଫର ରହିଛି। ସୁନା ଗହଣା ବଦଳ କ୍ଷେତ୍ରରେ ଆକର୍ଷଣୀୟ ଅଫର ସାଙ୍ଗକୁ ପ୍ରତିଷ୍ଠାନର ସ୍ୱଚ୍ଛ ଆଭିମୁଖ୍ୟ ଗ୍ରାହକଙ୍କୁ ଅଧିକ ସନ୍ତୋଷ ଦେଉଛି। ଇତିମଧ୍ୟରେ ଯାଜପୁର ଜିଲାର ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ଏହି ଅଫରର ଫାଇଦା ନେଇପାରିଛନ୍ତି ବୋଲି ଟାଟା ଗ୍ରୁପ୍‌ର ମହାପ୍ରବନ୍ଧକ ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ଯାଜପୁରରୋଡ୍ ଶାଖା ଷ୍ଟୋର ପ୍ରବନ୍ଧକ ଶ୍ରବଣ କୁମାର ପାତ୍ର ଓ ଫ୍ଲୋର ପ୍ରବନ୍ଧକ ଜଗନ୍ନାଥ ବାରିକ ଗ୍ରାହକମାନଙ୍କୁ ଅଫର ସମ୍ପର୍କରେ ଅବଗତ କରାଇଛନ୍ତି।




ମହାପ୍ରବନ୍ଧକ ଚିଦାନନ୍ଦ ବେହେରା, ଷ୍ଟୋର ପ୍ରବନ୍ଧକ ଶ୍ରବଣ କୁମାର ପାତ୍ର ଓ ଅନ୍ୟମାନେ।

# ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ରଜ ମହୋତ୍ସବ



ରଜ ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

କେନ୍ଦ୍ରାପଡ଼ା, ୧୫।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଖଡ଼ିଅଙ୍ଗସ୍ଥିତ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ୨ ଦିନିଆ ରଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗଣେଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସଭାରେ ପୌରାଧ୍ୟକ୍ଷା ସରିତା ସାହୁ, ଡ. ଉପେନ୍ଦ୍ର ଶର୍ମା, ଯୁବନେତା ରାଜେଶ ଦାସ, ଜିଲା ପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାରେ ରଜ ଉତ୍ସବ କୃଷି ଭିତ୍ତିକ ପର୍ବରୁ ଆରମ୍ଭ ବୋଲି ଅତିଥିମାନେ କହିଥିଲେ। ଚାଷ, ପରିବେଶ, ସାମାଜିକ ସଦ୍‌ଭାବ, ଅର୍ଥନୈତିକ ଦିଗ ଓ ବୈଜ୍ଞାନିକ ଭିତ୍ତିଭୂମି ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରଜ ରାଜ ନନ୍ଦିନୀ ଭାବେ କୃତୀ ପ୍ରତିଯୋଗୀ ରିନାରାଣୀ ଦାସଙ୍କୁ ସମ୍ମାନୀତ କରାଯାଇଥିଲା। ବାଲେଶ୍ୱର ଜିଲା ସୋରର ଆଦ୍ୟାଶା ରାଉତ, କେନ୍ଦ୍ରାପଡ଼ା ଜିଲାର ଚିନ୍ମୟୀ ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉମାକାନ୍ତ ଜେନା, ଗୌତମ ସାହୁ, ଭାନୁପ୍ରିୟା ଖଟୁଆ, ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ସୌମ୍ୟାସଲୋନି ସୁରଚିତା ପ୍ରମୁଖ ପରିଚାଳନା କରିଥିଲେ।

# ଜୀବନ ଶିକ୍ଷା ପରିବାରର ବାର୍ଷିକ ଉତ୍ସବ, ରଜ ମହୋତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା।

କାଏମା, ୧୫।୬ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅଧୀନ କାଏମା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଜୀବନ ଶିକ୍ଷା ପରିବାରର ପ୍ରଥମ ବାର୍ଷିକ ଉତ୍ସବ ଓ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ପ୍ରମୋଦ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରଞ୍ଜନ କୁମାର ଓଝା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ମୁଖ୍ୟବକ୍ତାଭାବେ ଖବରଦାତା ସତିଶ ବିଶ୍ୱାଳ, ମାନସ ରଞ୍ଜନ ଜେନା ଓ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ମାନବ ସେବା ହିଁ ମାଧବ ସେବାର ଅର୍ଥ ବୁଝାଇ କହିଥିଲେ। ପରେ ଅଞ୍ଚଳର କୁନିକୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନେକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ଭୁଷଣ୍ଡପୁର ଗ୍ରାମରେ ରଜ ମହୋତ୍ସବ

ବଡ଼ଚଣା, ୧୫।୬
(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତସ୍ଥିତ ଖେଳପଡ଼ିଆଠାରେ ସରପଞ୍ଚ ଯଜାତି କେଶରୀ ରାଉତ ଓ ବାରୁଣାବନ୍ତ କ୍ଲବ ଆନୁକୂଲ୍ୟରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟଗୁରୁ ସାସ୍ୱତ ଯୋଶୀ, ବଲିଉଡ୍ ତାରକା ସାଗରିକା ମହାନ୍ତି, ଫେସନ ଡିଜାଇନର ଜି. ଜଗଦିସ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ ସ୍ୱାଇଁ, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି ଓ ସରପଞ୍ଚ ଯଜାତି କେଶରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।




ରଜ ମହୋତ୍ସବରେ ଯୋଗଦେଇଥିବା ଅତିଥି।

ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସାମାଜିକ କର୍ମୀ ଜଗନ୍ନାଥ ମୁଦୁଲି। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, ଆମେ ଓଡ଼ିଆ ଜାତି ଯଦି ଧର୍ମ ଓ ସଂସ୍କୃତିକୁ ଆଧାର କରି ଭାବର ବିନିମୟ କରିବା ତାହାଲେ ଏକ ସୁସ୍ଥ ସମାଜ ଗଠନ କହୋଇପାରିବ ଓ ଭାଇଚାରା ମଧ୍ୟ ସୃଷ୍ଟି ହୋଇପାରିବ। ପରେ ମୁଖ୍ୟ ଅତିଥି ଦର୍ପଣ ପଞ୍ଚାୟତର ହସ୍ତଶିଳ୍ପୀ ପ୍ରଭାତ ରଞ୍ଜନ ମହାରଣା, ସଂଗୀତ ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ବଲିଉଡ୍ ତାରକା ସାଗାରିକା ମହାନ୍ତି, ନୃତ୍ୟଗୁରୁ ସାସ୍ୱତ ଯୋଶୀ ଓ ଜି. ଜଗଦିଶଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୩୨ ଯୁବକ ଓ ଯୁବତୀ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯ ଯୁବକଙ୍କୁ ନୃତ୍ୟଗୁରୁ ସାଶ୍ୱତ ଯୋଶୀ ପୁରସ୍କୃତ କରିଥିଲେ। ଶେଷରେ ବାରୁଣାବନ୍ତ କ୍ଲବର କାର୍ଯ୍ୟକାରୀ ସଭ୍ୟ ଜୟନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଉତ୍ସବ ଅବସରରେ ସେଠାରେ ବିଭିନ୍ନ ଅସ୍ଥାୟୀ ଦୋକାନ ଖୋଲିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାମନ



@ ଆଶିସ



@ ଅର୍ଚ୍ଚନା



@ ରାକେଶ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରକଳ୍ପ ମରାମତି ନାଁରେ ଚାଲିଛି ଅପବ୍ୟୟ

■ ବର୍ଷକୁ ଖର୍ଚ୍ଚ ହେଉଛି ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା
■ ଜମିରେ ଫଳୁନି ଫସଲ, ଚାଷୀ ପାଉନି ଫାଇଦା
■ କେବଳ ଟାର୍ଗେଟ ପୂରଣ କରୁଛି ଗୋଷ୍ଠୀ ଉଠାଜଳସେଚନ ବିଭାଗ

ନୟାଗଡ଼,୧୫।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗୁନି । ଅଚଳ ପ୍ରକଳ୍ପକୁ ସଚଳ କରିବାକୁ ବର୍ଷକୁ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଚାଷ ଜମିକୁ ପାଣି ଯୋଗାଇବାରେ ସକ୍ଷମ ହୋଇ ପାରୁନି । ଚାଷୀଙ୍କ ନାଁରେ ଉଠାଜଳସେଚନ ବିଭାଗର କେତେଜଣ କର୍ମଚାରୀ ଓ ଅଧିକାରୀ ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ମରାମତି ନାଁରେ କେବଳ ଅପବ୍ୟୟ ଚାଲିଛି। ଉଠାଜଳସେଚନ ବିଭାଗ ଟାର୍ଗେଟ ପୂରଣ କରି ଲାଭବାନ ହେଉଛି। ଏହି ପରିପ୍ରେକ୍ଷୀରେ ଦେଖିଲେ ଉଠାଜଳସେଚନ ବିଭାଗର କାର୍ଯ୍ୟ ସନ୍ଦେହ ଘେରରେ ରହିଛି । ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିବ । ସରକାର କୃଷି ଓ କୃଷକଙ୍କ ପାଇଁ ବାର୍ଷିକ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ପାଣିରେ ପଡୁଛି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଚାଷୀଙ୍କ ଜମିକୁ ଜଳସେଚନରେ ସୁବିଧା ପାଇଁ ଜିଲାରେ ଉଠାଜଳସେଚନ ବିଭାଗ ପକ୍ଷରୁ ୬୩୫ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ରହିଛି । ସେଥିରୁ ନୟାଗଡ଼ ବ୍ଲକରେ ୮୮, ଓଡ଼ଗାଁ ବ୍ଲକରେ ୯୯, ଖଣ୍ଡପଡ଼ା ବ୍ଲକରେ ୧୩୪, ଭାପୁର ବ୍ଲକରେ ୬୭, ଗଣିଆ ବ୍ଲକରେ ୫୨, ଦଶପଲ୍ଲା ବ୍ଲକରେ ୪୬, ନୂଆଗାଁ ବ୍ଲକରେ ୭୯, ରଣପୁର ବ୍ଲକରେ ୭୦ ରହିଛି । ଏହି ପ୍ରକଳ୍ପ ଦ୍ୱାରା ୧୪ ହଜାର ୪୭୮ ଜମିରେ ଜଳସେଚିତ ହୋଇ ପାରିବ ବୋଲି ଉଠାଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି । ତେବେ ଉପରୋକ୍ତ ପ୍ରକଳ୍ପରୁ ନୟାଗଡ ବ୍ଲକରେ ୨୧, ଓଡ଼ଗାଁ ବ୍ଲକରେ ୧୫, ଖଣ୍ଡପଡା ବ୍ଲକରେ ୩୯, ଭାପୁର ବ୍ଲକରେ ୨୩, ଗଣିଆ ବ୍ଲକରେ ୨୩, ଦଶପଲ୍ଲା ବ୍ଲକରେ ୧୦, ନୂଆଗାଁ ବ୍ଲକରେ ୨୩, ରଣପୁର ବ୍ଲକରେ ୨୦ ପ୍ରକଳ୍ପ ଅଚଳ ଅଛି ବୋଲି ସରକାରୀ ରେକର୍ଡ କୁହୁଛି । କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟକୁ ଅନୁଧ୍ୟାନ କଲା ପରେ ପ୍ରାୟ ୧୦୦ ପ୍ରକଳ୍ପ ସଚଳ ଅଛି ବୋଲି ଜଣାପଡିଛି । ଏଣୁ ସରକାରୀ ରେକର୍ଡ ଅନୁସାରେ ୧୭୪ ପ୍ରକଳ୍ପ ଅଚଳ ପାଇଁ ୪୯୨୫ ହେକ୍ଟର ଜମିରେ ଜଳ ମାଡି ପାରୁନାହିଁ । ଏଭଳି ସ୍ଥଳେ ଅଚଳ ପ୍ରକଳ୍ପକୁ ସଚଳ କରିବା ପାଇଁ ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ ୪୧ଟି ପ୍ରକଳ୍ପର କାମ ଆରମ୍ଭ କରିଥିଲେ । ଏଥିରୁ ୩୭ଟି ପ୍ରକଳ୍ପକୁ ସଚଳ କରାଯାଇ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ବୋଲି ଉଠାଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି । ଅଚଳ ପ୍ରକଳ୍ପକୁ ମରାମତି ପାଇଁ ୭କୋଟି ୭୦ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ପୁଣି ୩୨ ଅଚଳ ପ୍ରକଳ୍ପକୁ ମରାମତି ପାଇଁ ୬କୋଟି ୪୯ ଲକ୍ଷ ୭୦ ହଜାର ମଞ୍ଜୁର ହୋଇଛି । ଏଥିରୁ ମାତ୍ର ଗୋଟିଏ ପ୍ରକଳ୍ପ ସଚଳ ହୋଇଥିବାବେଳେ ଅନ୍ୟ ଗୁଡିକର କାମ ଚାଲୁ ରହିଛି । ଚାଷୀଙ୍କ ହିତ ପାଇଁ କାମ କରୁଥିବା ଉଠାଜଳସେଚନ ବିଭାଗର କାର୍ଯ୍ୟଧାରକୁ ଅନୁଧ୍ୟାନ କଲେ ପ୍ରକଳ୍ପଗୁଡିକ କାହିଁକି ନିର୍ମାଣ ହେଉଛି ବୋଲି ପ୍ରଶ୍ନ ଉଠୁଛି । ଚାଷୀଙ୍କ କାମରେ ଯଦି ପ୍ରକଳ୍ପ କାମରେ ଲାଗୁନି ତେବେ ବାରମ୍ବାର ପ୍ରକଳ୍ପକୁ ମରାମତି କାହିଁକି କରାଯାଉଛି । ମରାମତି ପରେ ପ୍ରକଳ୍ପ କେତେଦୂର କାର୍ଯ୍ୟ କରୁଛି ଜିଲା ପରିଷଦର ଏକ ଟିମ୍ ଯାଇ ଅନୁଧ୍ୟାନ କରିବା ପରେ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏ ନେଇ ଗଣିଆର ମକରନ୍ଦ ପ୍ରଧାନ, ନୂଆଗାଁର ବଦ୍ରି ନାରାୟଣ ନାୟକ, ଦଶପଲ୍ଲାର କାମାକ୍ଷା ସାହୁ, ନୟାଗଡ଼ର ରାମଚନ୍ଦ୍ର ନାୟକ କୁହନ୍ତି, ଉଠାଜଳସେଚନ ବିଭାଗ ପକ୍ଷରୁ ନୂଆ ପ୍ରକଳ୍ପ ନିର୍ମାଣ ଓ ପୁରୁଣା ପ୍ରକଳ୍ପ ମରାମତିକୁ ଗୁରୁତ୍ୱ ଦିଆଯାଉଛି । ଚାଷୀ ଉପକୃତ ହୁଅନ୍ତ କି ନାହିଁ ସେଥିପ୍ରତି ଲକ୍ଷ୍ୟ ନାହିଁ । ଜିଲା ପରିଷଦ ବୈଠକରେ କେବଳ ତଥ୍ୟ ଦେଇ ସବୁ କିଛି ଠିକ୍ ଚାଲିଛି ବୋଲି କୁହାଯାଉଛି । ଜିଲା ପରିଷଦ ବୈଠକରେ ଚାଷୀର ସମସ୍ୟା ନେଇ କେବଳ ଆଲୋଚନା ନ କରି ପ୍ରକଳ୍ପର କାର୍ଯ୍ୟ ଅନୁଧ୍ୟାନ କରାଗଲେ ବିଭାଗ କେତେଦୂର କାର୍ଯ୍ୟ କରୁଛି ତାହା ସ୍ପଷ୍ଟ ହୋଇଯିବ ବୋଲି ସେମାନେ ସୂଚନା ଦେଇଛନ୍ତି । ନୟାଗଡ଼ ଉଠାଜଳସେଚନ ଖଣ୍ଡ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାସ କୁହନ୍ତି, ଚାଷୀଙ୍କ ହିତ ପାଇଁ ବିଭାଗ କାର୍ଯ୍ୟ କରୁଛି । ଅଚଳ ପ୍ରକଳ୍ପ ମରାମତି ପାଇଁ ସରକାର ଯୋଗାଉଥିବା ଅନୁଦାନ ଠିକରେ ଖର୍ଚ୍ଚ ହେଉଛି । ଚାଷୀଙ୍କ କିଛି ଅସୁବିଧା ଥିଲେ ସେମାନେ ସେମାନଙ୍କ ସମସ୍ୟା ଅବଗତ କରାଇ ସମାଧାନ କରାଇପାରିବେ ବୋଲି ସେ କହିଛନ୍ତି।

## ୨୦ ଦିନ ହେଲା ଜଳ ଯୋଗାଣ ବନ୍ଦ

### ପାନୀୟ ଜଳ ପାଇଁ ବେଣାଗାଡ଼ିଆବାସୀ ଡହଳବିକଳ

ଖଣ୍ଡପଡ଼ା,୧୫।୬ (ଅଜୟ କୁମାର ମହାରଣା)

ବାରମ୍ବାର ଯାନ୍ତ୍ରିକ ତ୍ରୁଟି ସହ ପାନୀୟ ଜଳ ପ୍ରକଳ୍ପର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ବିଭିନ୍ନ ସମୟରେ ବେଣାଗାଡିଆବାସୀ ପାଣି ବାଲ୍‌ଟିଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତବର୍ଷ ପାନୀୟ ଜଳ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ଫଳରେ ୭ ମାସ ହେବ ଜଳ ଯୋଗାଣ ବନ୍ଦ ରହିଥିଲା । ଗତ ୬ ମାସ ତଳେ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା। ତେବେ ପୁଣି ଥରେ ସେହି ଅବ୍ୟବସ୍ଥା ଲାଗି ରହିଛି। ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଗତ୨୦ ଦିନ ହେବ ପାନୀୟ ଜଳ ପାଇବାରୁ ସ୍ଥାନୀୟ ଲୋକେ ବଞ୍ଚିତ ହୋଇଛନ୍ତି ।

ଏପରି ସ୍ଥିତିରେ ଅଞ୍ଚଳବାସୀ ବିଭିନ୍ନ ଜଳଉତ୍ସର ପାଣି ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ଲୋକେ ନିକଟସ୍ଥ ନଦୀ, କୂଅ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ, ତଥାପି ଗ୍ରାମବାସୀ ସେହି ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ୨୪ଟି ୱାର୍ଡ ତଥା ୭ ମୌଜାକୁ ନେଇ ବେଣାଗାଡିଆ ପଞ୍ଚାୟତ ଗଠିତ । କେବଳ ବେଣାଗାଡିଆ ଗ୍ରାମ ଅଧୀନ ୧,୨,୩ ଓ ୪ନଂ. ୱାର୍ଡର ପ୍ରାୟ ୨ ହଜାର ଲୋକଙ୍କ ପାଇଁ ଏକ ଜଳ ଯୋଗାଣ ପ୍ରକଳ୍ପ ରହିଛି । ହେଲେ ସେହି ପ୍ରକଳ୍ପର ମୋଟର ପରିଚାଳନାଗତ ତ୍ରୁଟି ଯୋଗୁ ପୋଡି ଯାଇଥିବା ସ୍ଥାନୀୟ ସରପଞ୍ଚ ବଳରାମ ମଲ୍ଲିକ ଓ ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ । ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର କୁମାର ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରେ ଆଜି ନୂତନ ମୋଟର ଲାଗିଛି । ଶୁକ୍ରବାରଠାରୁ ଜଳ ଯୋଗାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି ।



ପାଣି ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି ।

## ରଜଷ୍ଟାର ନୃତ୍ୟରେ ଦର୍ଶକ ଝୁମିଲେ




ରଜଷ୍ଟାର ମହୋତ୍ସବରେ ମଞ୍ଚାସୀନ ଅତିଥି ।

ଦଶପଲ୍ଲା,୧୫।୬(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ସମ୍ମୁଖ ନେତାଜୀ ମଇଦାନ ଠାରେ ଆମେ ଅନୁଷ୍ଠାନ ତରଫରୁ ଦ୍ୱିତୀୟ ରଜଷ୍ଟାର ବୁଧବାର ପହିଲି ରଜରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ରୂପେ କୃଷ୍ଣ ପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ପୂର୍ଣ୍ଣମାସୀ ଦେବୀ,ସମ୍ମାନନୀୟ ଅତିଥି ଭାବେ ଏନ୍‌ଏସି ଚେୟାରମ୍ୟାନ ଇ.ପୂର୍ଣ୍ଣମ ପ୍ରିୟଦର୍ଶିନୀ, ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଉପଲକ୍ଷେ ଝୋଟି, ଶଙ୍ଖବାଦ୍ୟ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଓ ମହିଳାମାନଙ୍କ ଦାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଇସାନା ସ୍ୱସ୍ତିନୀ, ଦିବ୍ୟଜ୍ୟୋତି, ସଙ୍ଗୀତା ଦାଶ ପରିଚାଳନା କରିଥିଲେ ।

## ମା’ ମଣିନାଗଙ୍କ ପୀଠରେ ରଜ ଉତ୍ସବ

ରଣପୁର,୧୫।୬ (ସୁକାନ୍ତ ଡାକୁଆ)

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳର ମା’ମଣିନାଗଙ୍କ ପୀଠରେ ହେଲ୍ପମିଶନ ଟ୍ରଷ୍ଟ ତରଫରୁ ରଜ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ପହଲିରଜରେ ଆଖପାଖର ଝିଅବୋହୂମାନେ ଏହି ଉତ୍ସବରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ନମ୍ରତା ସିଂଦେଓ କହିଛନ୍ତି, ଆମ ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ରଜ ଉତ୍ସବ ରଣପୁର ମା’ଙ୍କ ପୀଠରେ ଆୟୋଜନ କରାଯିବ। ଓଡ଼ିଆ ଘରର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆମ ଅନୁଷ୍ଠାନ ପଦକ୍ଷେପ ନେବ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶେଷ କରି ମ୍ୟୁଜିକ୍ ଚେୟାର, ଫୁଟି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଭାମାନଙ୍କୁ ଉତ୍ସାହିତ କରାଯାଇଥିଲ । ରଜ ପାନ, ପିଠାପଣାର ସେଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ନମ୍ରତଙ୍କ ସହିତ ଟ୍ରଷ୍ଟର ସଦସ୍ୟ ସୁନୀଲ, ରାଜେଶ, ବିଶ୍ୱରଞ୍ଜନ, ଇଶା ପ୍ରମୁଖ ପରିଚାଳାନ କରିଥିଲେ।

# ମୌଳିକତା ହରାଇବସିଛି ରଜ

ଖଣ୍ଡପଡ଼ା,୧୫।୬(ଅଜୟ କୁମାର ମହାରଣା)

ଉତ୍କଳୀୟ ପର୍ବ ରଜ କାହିଁ କେଉଁ ଦିନରୁ ପାଳିତ ହୋଇ ଆସୁଛି। ଯୁଗେ ଯୁଗେ ପୃଥିବୀକୁ ମା’ ସହିତ ତୁଳନା କରାଯାଇଛି । ଏହି ସମୟରେ ମାଟି ମା’କୁ ବିଶ୍ରାମ ଦିଆଯାଏ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ପାଇଁ ରଜ ପର୍ବ ପାଳନ ହୁଏ। ଆଜିର ଯୁବ ପିଢ଼ି ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ଓଡ଼ିଆ ସଂସ୍କୃତିର ମହନୀୟତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଏହି ପର୍ବର ଏକ ନିଆରା ଦିଗ ହେଉଛି ଧରିତ୍ରୀ ମାତାକୁ ସ୍ପର୍ଶ ନ କରିବା । ସେଥିପାଇଁ ଝିଅ ବୋହୂମାନେ ଭୂମି ଉପରେ ଖାଲି ପାଦରେ ନ ଚାଲି କଦଳୀ ପଟୁକା, ତାଳପତ୍ର ପାଦରେ ଗୁଡାଇ ଚାଲିଥାନ୍ତି । ତେବେ ଓଡ଼ିଆ ଘରର ବିଶ୍ରାମ ଏବଂ ଆମୋଦର ପର୍ବ ରଜ ସଂସ୍କୃତି ଓ ପରମ୍ପରାର ମହତ୍ୱ ରହିଥିଲେ ମଧ୍ୟ ଏହାର ପାରମ୍ପରିକ ରୀତିନୀତି କ୍ରମଶଃ କମିବାରେ ଲାଗିଛି। ଏପରି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।



“ ରଜ ପର୍ବର ଆଭିମୁଖ୍ୟ ପ୍ରତି ଓଡିଆମାନେ ସମ୍ପୂର୍ଣ୍ଣ ଉଦାସୀନ। ବାସ୍ତବରେ ଅବକ୍ଷୟମୁଖୀ ସମାଜର ବିକୃତ ବିକଳାଙ୍ଗ ଚିନ୍ତାଧାରା, ଅତ୍ୟାଧୁନିକ ଜୀବନ ଶୈଳୀ, ବିଳାସ ବ୍ୟସନରେ ସମୟ ଅତିବାହିତ କରିବାର ମାନସିକତା ଓ ବସ୍ତୁବାଦୀ ଦୁନିଆର ବ୍ୟସ୍ତ ବହଳତା ଏଥି ପାଇଁ ଦାୟୀ । ଓଡିଆ ସଂସ୍କୃତିରେ ହଜି ଯାଉଥିବା ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଏ ଦିଗରେ ସାମୁହିକ ଉଦ୍ୟମ ଲୋଡା ।

**–ସ୍ମିତା ଶେଫାଳି ମହାପାତ୍ର, ଅଧ୍ୟକ୍ଷା, ମହିଳା କନିଷ୍ଠ ମହାବିଦ୍ୟାଳୟ, ଖଣ୍ଡପଡା**



“ କୃଷି ଭିତ୍ତିକ ରଜ ପର୍ବ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଖୁବ ଜାକଜକମରେ ପାଳନ କରାଯାଉଛି। ତେବେ ଆଧୁନିକତାର ଦ୍ୱାହି ଦେଇ ଆମେ ଆଜି ବଡ ହୋଟେଲର ରଙ୍ଗୀନ ପାର୍ଟିରେ ପିଜା, ବର୍ଗର ଆଉ ମୋମୋ ସାଥୀରେ ରଜ ପର୍ବ ପାଳନ କରୁଛି। ପୁଣି ହଜି ଯାଉଛୁ ଚାକଚକ୍ୟ ସପିଂ ମଲ୍ ଭିତରେ । ତେବେ ପ୍ରାକୃତିକ ଅବକ୍ଷୟକୁ ଦୃଷ୍ଟିରେ ରଖି ପାରମ୍ପରିକ ପର୍ବ ପର୍ବାଣୀ ପ୍ରତି ଆକୃଷ୍ଟ ହେବାର ସମୟ ଆସିଛି ।

**–ସୁଜଳ କୁମାର ମହାରଣା, ଅଧ୍ୟାପକ ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ**



“ ଐତିହ୍ୟ ସମ୍ପନ୍ନ ପର୍ବପର୍ବାଣୀ ଆମ ସାମାଜିକ ଜୀବନ ଧାରାର ଅନନ୍ୟ ସ୍ୱାକ୍ଷର । ଏଥିରେ ଲୁଚି ରହିଛି ମହନୀୟତାର ପ୍ରତିଛବି । ରଜ ପରି କୃଷି ପର୍ବ ମଧ୍ୟ ଖୁବ୍ ଗୁରୁତ୍ୱ ବହନ କରେ । ଧରିତ୍ରୀ ମା’କୁ ସମ୍ମାନ ଦେବା ଓ ଏହାର ଉପାଦେୟତା ପ୍ରତି ଯତ୍ନବାନ ହେବା ପାଇଁ ରଜ ଉତ୍ସବ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ହେଲେ ପରିବର୍ତ୍ତନଶୀଳ ଜଳବାୟୁ ଓ ପରିବେଶ ତଥା ଚାଲିଚଳଣୀ ଆମ ଗରିମାମୟ ପର୍ବ ଆୟୋଜନର ଗୁରୁତ୍ୱକୁ କମାଇ ଦେଉଥିବା ମନେହୁଏ ।

**–ଅଞ୍ଜନା ଦାଶ, ଅଭିନେତ୍ରୀ**



“ ମାଟି ଓ ଆକାଶର ମିଳନ ହିଁ ରଜର ଅନ୍ୟତମ ଆକର୍ଷଣ । ଝିପ ଝିପ ବର୍ଷାରେ ଦିନେ ରଜ ଆସୁଥିଲା । ଏବେ କିନ୍ତୁ ରଜ ସିଝୁଛି ୪୫ ଡ଼ିଗ୍ରୀ ଖରାରେ । ଦୋଳି ବାନ୍ଧିବାକୁ ଗଛ ନାହିଁ ଘର ବାହାରେ । ଗଜରାଜ ଆଉ ଡ଼ାକୁନି ବନସ୍ତ ଭିତରେ । ଗଜ ଏବେ ରାଜ ରାସ୍ତାରେ । ଫାଷ୍ଟଫୁଡ୍ ପିଜା ବଜାରେ ଅରୁଚି ହେଲାଣି ପୋଡପିଠା, । ମୁହଁରେ ହଳଦୀ, ପାଦରେ ଅଳତା ଆଉ କୁଆଁରୀ ଝିଅଙ୍କ ପସନ୍ଦ ହେଉନି । ବିୟୁଟି ପାର୍ଲର ଫେସିଆଲ ଫଟୋ ଫେସବୁକରେ ପୋଷ୍ଟ ହେଲାଣି ।

**–ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି**



“ ପର୍ବ ପର୍ବାଣି ଆମ ପରମ୍ପରା ଓ ସଂସ୍କୃତିର ଅଂଶ ବିଶେଷ । କିନ୍ତୁ ଆଧୁନିକ ଶିକ୍ଷା ବ୍ୟବସ୍ଥାର ବିକାଶ ଫଳରେ ପାରମ୍ପରିକ ପର୍ବର ସନ୍ତୁଳନରେ ପରିବର୍ତ୍ତନ ଘଟିଛି । ପାଶ୍ଚାତ୍ୟ ପରମ୍ପରା ଭିତରେ ରଜ ନିଜର ପୁରୁଣା ସ୍ମୃତିକୁ ଖୋଜୁଛି। ଓଡିଆ ସଂସ୍କୃତିରେ ହଜି ଯାଉଥିବା ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଏ ଦିଗରେ ସାମୁହିକ ଉଦ୍ୟମ ଲୋଡା । ନଚେତ ଏ ଜାତିରୁ ତା’ର ସଂସ୍କୃତିର ପରିଚୟ ହଜିଯିବ ।

**–ଜୟପ୍ରଭା ସାହୁ, ସାମାଜିକ କର୍ମୀ**



“ ଆମ ପିଲାଦିନର ରଜ ମଉଜ ଏବେ ଆଉ ନାହିଁ । ପାରମ୍ପରିକ ରଜରେ ଏବେ ଆଧୁନିକତାର ଛାପ ପଡିଛି । ବାଉଁଶ ଦୋଳି ବଦଳରେ ପ୍ଲାଷ୍ଟିକ ଦୋଳି ଏହାର ସ୍ଥାନ ନେଲାଣି । ପ୍ରତିଘରୁ ଆସୁଥିଲା ପୋଡ଼ପିଠାର ମହମହ ବାସ୍ନା । ରଜ ପାନ ସାଙ୍ଗକୁ ନୂଆ ଶାଢୀ ପିନ୍ଧିବାର ମଜା ଥିଲା ସତରେ ନିଆରା । ତେବେ ଏହାର ମହତ୍ୱ ରହିଥିଲେ ମଧ୍ୟ ଏହାର ମହକ ହଜି ଯାଇଛି । **–ଉଷାରାଣୀ ଦାସ, ଗୃହିଣୀ, ବାଣପୁର**



“ ପାଶ୍ଚାତ୍ୟ ସଭ୍ୟତା ଆମ ପିଲାମାନଙ୍କୁ ନଗ୍ନତା ଆଡ଼କୁ ଟାଣି ନେଇଛି । ସେମାନେ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଯନ୍ତ୍ର ଚାଳିତ ହୋଇଗଲାଣି । ସୁବିଧାବାଦୀ ଓ ସ୍ୱାର୍ଥପରତା ଯୋଗୁ କିପରି ସୁଖସ୍ୱଚ୍ଛନ୍ଦରେ ସମୟ ବିତାଇବାକୁ ହେବ ତାହା ସମସ୍ତେ ଗ୍ରହଣ କରିଛନ୍ତି। ଫଳରେ ଓଡ଼ିଶାର ପାରମ୍ପରିକ ପର୍ବପର୍ବାଣୀରେ ବି ପରିବର୍ତ୍ତନ ଆସିଛି। ସେଥିପାଇଁ ରଜର ପରମ୍ପରାରେ ବି ପରିବର୍ତ୍ତନ ଆସିଛି । ରଜ ଆସୁଛି, ହେଲେ ସେ ତା’ର ମୌଳିକତାକୁ ହରାଇ ବସିଛି ।

**–ଲଳିତ ନାରାୟଣ ବାବା, ଜଗନ୍ନାଥ ଧର୍ମ ପ୍ରଚାରକ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାମନ



@ ଆଶିଷ



@ ଅର୍ଚ୍ଚନା



@ ରାକେଶ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୫ ଫୁଟ୍ ଲମ୍ବର ଅହିରାଜ ଉଦ୍ଧାର

ଦଶପଲ୍ଲା,୧୫।୬(ପ୍ରକାଶ କୁମାର ପାଣି)

ଗୁରୁବାର ଅପରାହ୍ଣରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଜଗାପୁର ନାଳ ନିକଟରୁ ଏକ ୧୫ ଫୁଟ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରାଯାଇଛି । ଜଣେ ଗାଇଚରାଳି ସାପଟିକୁ ଦେଖି ବନବିଭାଗକୁ ଖବର ଦେଇଥିଲେ । ସଦର ଫରେଷ୍ଟର ଶ୍ରବଣ କୁମାର ବଳିଆରସିଂହ ସାପ ଧରାଳି କୃଷ୍ଣ ଚନ୍ଦ୍ର ସେଠୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଧରିଥିଲେ । ସାପଟିକୁ ଟାକେରା ରିଜର୍ଭ ଫରେଷ୍ଟର ଜଙ୍ଗଲରେ ଛଡା ଯାଇଥିବା ଫରେଷ୍ଟର କହିଛନ୍ତି।



ଉଦ୍ଧାର ହୋଇଥିବା ଅହିରାଜକୁ ଜଙ୍ଗଲରେ ଛଡ଼ା ଯାଉଛି ।

